## ଲଖନପୁରରେ ସିଭିଲ୍ କୋର୍ଟ ଉଦ୍‌ଘାଟିତ




ଝାରସୁଗୁଡ଼ା: ଲଖନପୁରରେ ନୂତନ ସିଭିଲ କୋର୍ଟ ଉଦ୍‌ଘାଟିତ ହୋଇଛି । ଓଡିଶା ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଏହାକୁ ଭରଚୁଆଲ ମୋଡ଼ରେ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ଲଖନପୁରରେ ଆୟୋଜିତ ଉତ୍ସବରେ ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର, ଝାରସୁଗୁଡ଼ା ଜିଲ୍ଲା ଦୌରାଜଜ୍ ପ୍ରଶାନ୍ତ କୁମାର ନାଏକ, ରେଜିଷ୍ଟ୍ରାର ରାଜେନ୍ଦ୍ର କୁମାର ଦାସ, ଜେଏମଏଫ଼ସି ଲଖନପୁର କୋର୍ଟର ବିଚାରପତି ବ୍ରଜେଶ ମିଶ୍ର, ଜିଲ୍ଲା ଓକିଲ ସଂଘ ସଭାପତି ତ୍ରିନାଥ ଗୁଆଲ, ସମ୍ପାଦକ ନିଲାଦ୍ରି ବିହାରୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ନୂତନ ବିଚାରପତି ଭାବରେ ଜୟା ରାୟଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ଲଖନପୁର ଅଞ୍ଚଳବାସୀ ଏହାଦ୍ୱାରା ବହୁଳ ଭାବରେ ଉପକୃତ ହୋଇପାରିବେ ।

## ସମ୍ବଲପୁରରେ ଜିଲ୍ଲା ସ୍ତରୀୟ ଯୁବ ମାରାଥନ୍

ସମ୍ବଲପୁର: ଦେଶ ବ୍ୟାପୀ ପାଳିତ ହେଉଥିବା ୧୭ ସେପ୍ଟେମ୍ବରରୁ ୨ ଅକ୍ଟୋବର ପର୍ଯ୍ୟନ୍ତ 'ସେବା ପକ୍ଷ - ୨୦୨୫' ପାଳନ ଅବସରରେ ସମ୍ବଲପୁର ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା କ୍ରୀଡା ଓ ଯୁବସେବା ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ 'ଯୁବ ମାରାଥନ୍' ଅନୁଷ୍ଠିତ ହୋଇଯାଇଅଛି । ଏହି ମାରାଥନକୁ ସମ୍ବଲପୁର ବିଧାୟକ ଶ୍ରୀ ଜୟନାରାୟଣ ମିଶ୍ର ପତାକା ଦେଖେଇ ଶୁଭାରମ୍ଭ କରିଥିଲେ । ଆମେ ଆମ ସମ୍ବଲପୁର ସହରକୁ ସ୍ୱଚ୍ଛତାରେ ଏକ ନମ୍ବର କରିବା ପାଇଁ ପ୍ରଚେଷ୍ଟା କରିବା ପାଇଁ ଶ୍ରୀ ମିଶ୍ର ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ଆୟୋଜିତ ମାରାଥନ ରେ ଛାତ୍ର ବର୍ଗରେ ଆକାଶ ମିର୍ଦ୍ଧା ପ୍ରଥମ ସ୍ଥାନ, ରାଜୁ ଓରାମ ଦ୍ୱିତୀୟ ସ୍ଥାନ ଓ ନୀଳାଞ୍ଚଳ ବାଗ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ଛାତ୍ରୀ ବର୍ଗରେ ନମିତା ଓରାମ ପ୍ରଥମ ସ୍ଥାନ, ଅମିଶା ଓରାମ ଦ୍ୱିତୀୟ ସ୍ଥାନ ନାନୁ କେଓ୍ୱଟ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଏହି ମାରାଥନରେ ଜିଲ୍ଲାପାଳ ଶ୍ରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧିକ୍ଷକ ଶ୍ରୀ ମୁକେଶ ଭାମୁ, ଜିଲ୍ଲା କ୍ରିଡା ଅଧିକାରୀଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତି, ଯୁବବର୍ଗ, ସ୍ୱେଚ୍ଛାସେବୀ ପ୍ରମୁଖ ଉପସ୍ଥିତ ଥିଲେ ।



## ସାମ୍ବାଦିକ ପ୍ରତାପ କରଙ୍କୁ ଡକ୍ଟରେଟ୍

ସମ୍ବଲପୁର: ନିର୍ଭୀକ ସାମ୍ବାଦିକତା ଓ ନିଃସ୍ୱାର୍ଥପର ଉତ୍ସର୍ଗୀକୃତ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବରିଷ୍ଠ ସାମ୍ବାଦିକ ପ୍ରତାପ କରଙ୍କୁ ନୂଆଦିଲ୍ଲୀ ସ୍ଥିତ ଇଣ୍ଟିଗ୍ରେଟେଡ଼ ଗ୍ଲୋବାଲ ୟୁନିଭର୍ସିଟି ପକ୍ଷରୁ ସମ୍ମାନସୂଚକ



ଡକ୍ଟରେଟ ଉପାଧି ପ୍ରଦାନ କରାଯାଇଛି । ନୂଆଦିଲ୍ଲୀ ନିକଟ ଗୁରୁଗାଓଁ ସ୍ଥିତ ହୋଲି ଡ଼େ ଇନ୍‌ରେ ଆୟୋଜିତ ଉତ୍ସବରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗର ପ୍ରଫେସର ଡକ୍ଟର ଅଜିତ କୁମାର ମହାପାତ୍ର ମୁଖ୍ୟଅତିଥି, ହୋଟେଲରେ ନାଗାଲାଣ୍ଡ ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ କୁଳପତି ଏସ୍.ଏନ୍. ପାଣ୍ଡେ, ନୂଆଦିଲ୍ଲୀ ଜିଟିସିର ଅଧ୍ୟକ୍ଷ ଡକ୍ଟର ଗୌରବ ଗୁପ୍ତା, ଇଣ୍ଟିଗ୍ରେଟେଡ ଗ୍ଲୋବାଲ ବିଶ୍ୱବିଦ୍ୟାଳୟ ମୁଖ୍ୟ ଉପଦେଷ୍ଟା ଡକ୍ଟର ସୁଧାଂଶୁ ଭୁଷଣ ଗୁପ୍ତା, କ୍ରାଇମବ୍ରାଞ୍ଚର ଅବସରପ୍ରାପ୍ତ ଅଧିକ୍ଷକ ମୋହନଲାଲ ଓ ଭାରତୀୟ ଖାଦ୍ୟ ଯୋଗାଣ ନିଗମର ଉପଦେଷ୍ଟା ନିବାସ ରାଓ ପ୍ରମୁଖ ସମ୍ମାନିୟ ଅତିଥି ରୂପେ ଯୋଗ ଦେଇ ଶ୍ରୀ କରଙ୍କୁ ଏହି ଉପାଧି ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ଶ୍ରୀ କର ୪୦ ବର୍ଷରୁ ଅଧିକ ସମୟ ଧରି ଓଡ଼ିଶାର ବିଭିନ୍ନ ପ୍ରମୁଖ ସମ୍ବାଦପତ୍ର ଅନୁଷ୍ଠାନରେ ସାମ୍ବାଦିକତା କରିଛନ୍ତି । ତାଙ୍କର ଅବିଶ୍ୱସନୀୟ ପ୍ରଚଣ୍ଡ ଦକ୍ଷତା, ପାରଦର୍ଶୀତା ଓ ଦୂରଦୃଷ୍ଟିସଂପନ୍ନ ପ୍ରତିଭା ଯୋଗୁଁ ବହୁ ନୂତନ ସମ୍ବାଦପତ୍ର ପଶ୍ଚିମ ଓଡ଼ିଆରେ ବର୍ତ୍ତମାନ ପ୍ରମୁଖ ସମ୍ବାଦପତ୍ର ଭାବରେ ପ୍ରତିଷ୍ଠା ଲାଭ କରିଛି । ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସେ ସମାଜର ଦଳିତ, ନିଷ୍ପେଷିତ ଓ ଅବହେଳିତବର୍ଗ ଲୋକଙ୍କ ସାମାଜିକ ନ୍ୟାୟ ପାଇଁ ନିରବିଚ୍ଛିନ୍ନ ସଂଗ୍ରାମ ଜାରି ରଖି ସମାଜରେ ସଂସ୍କାର ଆଣିବା ପାଇଁ ବ୍ୟାପକ ସଚେତନତା ସୃଷ୍ଟି କରି ଆସିଛନ୍ତି । ସଂପ୍ରତି ଶ୍ରୀ କର ଭୁବନେଶ୍ୱରରୁ ପ୍ରକାଶିତ ଦୈନିକ 'ସର୍କାର'ର ପଶ୍ଚିମାଞ୍ଚଳ ବ୍ୟୁରୋ ମୁଖ୍ୟ ଭାବରେ ଦାୟିତ୍ୱ ତୁଲାଇ ଆସୁଛନ୍ତି ।

ସାପ୍ତାହିକ ସ୍ୱୀକାର
Postal Regd. No.: SBP/14/2025-2027
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା
RNI No. 66443/94
Vol.29 | Issue - 39 | 28 September - 4 October 2025 | Sambalpur | Pages- 8 | Invitation Price Rs.10



# ଭାରତୀୟ ପରମ୍ପରାରେ ମୂଳାଷ୍ଟମୀ ଓ ମହାଷ୍ଟମୀର ମହତ୍ତ୍ୱ



## ଡକ୍ଟର ପ୍ରମୋଦ କୁମାର ପଣ୍ଡା

ଭାଦ୍ରପଦ ଶୁକ୍ଳଅଷ୍ଟମୀ ରାଧାଷ୍ଟମୀ । ଆଶ୍ୱିନ କୃଷ୍ଣଅଷ୍ଟମୀ ମୂଳାଷ୍ଟମୀ । ଶାସ୍ତ୍ର ଅନୁସାରେ ଏହି ପନ୍ଦର ଦିନ, ଏକ ପକ୍ଷ ମାତା ଦୁର୍ଗା ନିଦ୍ରା ଯାଆନ୍ତି । ଶୟନ କରନ୍ତି । ପ୍ରଥମ ସାତ ଦିନ ଦକ୍ଷିଣ ଓ ପର ଆଠ ଦିନ ବାମ କଡ଼ ମାଡ଼ି ଶୁଅନ୍ତି । ଭାଦ୍ରପଦ ପୂର୍ଣ୍ଣିମା ଭାଗବତ ପୂର୍ଣ୍ଣିମା ଭାବେ ପରିଚିତ । ଏହି ପାବନ ଦିବସରେ ବିଧି ଅନୁଯାୟୀ ତାଙ୍କର ପାର୍ଶ୍ୱ ପରିବର୍ତ୍ତନ ହୁଏ । ଦେବୀ ଜାଗ୍ରତାଷ୍ଟମୀରେ ତାଙ୍କୁ ନିଦରୁ ଉଠାଯାଏ, ଉତ୍ଥାପନ କରାଯାଏ । ଉତ୍ସବ ପାଳିତ ହୁଏ । ଏହି ପର୍ବକୁ ଜାଗ୍ରତୋତ୍ସବ କିମ୍ବା ଉତ୍ଥାପନୋତ୍ସବ କୁହାଯାଏ । ମାତାଙ୍କ ଶୟନ କର୍ମ ରାତିବେଳା ଓ ଉତ୍ଥାନ କର୍ମ ଦିନବେଳା ସମ୍ପାଦିତ ହୁଏ । ଏହାର ବିପରୀତ ବିଧି ଅର୍ଥାତ ଦିନରେ ଶୟନ କର୍ମ ଓ ରାତିରେ ଉତ୍ଥାପନ କର୍ମ ଅଶୁଭ ଫଳ ପ୍ରଦାନ କରେ । ସେମିତିବି ରାତିରେ ଚେଇଁବା ଓ ଦିନରେ ଶୋଇବା ଏକ ଅସ୍ୱାଭାବିକ ପ୍ରକ୍ରିୟା । ତେଣୁ ଦେବୀଙ୍କ ଶୟନ ଓ ଉତ୍ଥାପନ ବିଧି ଉଭୟ ଶାସ୍ତ୍ର ସମ୍ମତ ଓ ବୈଜ୍ଞାନିକ ନିୟମାଧାରିତ । ପୁର୍ବବିନ୍ଧାଷ୍ଟମୀ ଅର୍ଥାତ ସପ୍ତମୀଯୁକ୍ତ ଅଷ୍ଟମୀ ଦେବୀଙ୍କ ଶୟନ ଓ ଜାଗରଣ ପାଇଁ ଉପଯୁକ୍ତ । ପରବିନ୍ଧାଷ୍ଟମୀ ମାନେ ଅଷ୍ଟମୀଯୁକ୍ତ ନବମୀ ଏଥିପାଇଁ ଅନୁପଯୁକ୍ତ, ବର୍ଜିତ । ଏହି ତିଥିରେ ଦେବୀଙ୍କୁ ଜାଗ୍ରତ କରିବା ଅଶୁଭ ବୋଲି ବିଚାର କରାଯାଏ । ତିଥି କ୍ଷୟ ଗଲେ ମାତା ଦୁର୍ଗାଙ୍କ ଶୟନ ଅବଧି ଚଉଦ ଦିନ ଓ ତିଥି ବୃଦ୍ଧି ଗଲେ ଗୋଟିଏ ଦିନ ଅଧିକ ଅର୍ଥାତ ପନ୍ଦର ଦିନ, ପକ୍ଷେ ହୋଇଥାଏ ।

ମୂଳାଷ୍ଟମୀରେ ବିଧିବିଧାନ ପୂର୍ବକ ବିଭିନ୍ନ ମନ୍ତ୍ର, ଶ୍ଳୋକ, ସ୍ତବ, ପ୍ରାର୍ଥନା ସହିତ ଦେବୀଙ୍କୁ ନିଦ୍ରା ତ୍ୟାଗ ପାଇଁ ବିନମ୍ର ଯାଚନା କରାଯାଏ । ଦେବୀ ଉତ୍ଥାପନ ବିଧି ଉପରାନ୍ତେ ଷୋଡଶୋପଚାର ପୂଜାର୍ଚ୍ଚନା ହୁଏ । ଏହାକୁ ଷୋହଳ ପୂଜା କିମ୍ବା ଷୋଳ ପୂଜା ମଧ କୁହନ୍ତି । ଏଥିପାଇଁ ଅପରାଜିତା ଓ ପଦ୍ମଫୁଲ ସହିତ ପଚାଶ ପ୍ରଜାତିର ହଳଦିଆ, ଧଳା ଓ ନାଲି ଫୁଲ, ସୁଆଁ ଧାନ, ଦୁବ, ଗନ୍ଧ, ଝୁଣା, ଧୂପ, ଘିଅ ବତୀ, ଦୀପ, ଅକ୍ଷତ, ଯବ, କୁଶାଗ୍ର, ତିଳ, ଶ୍ୱେତ ଶୋରିଷ, ଅଗୁରୁ, ଜାଇଫଳ, ଲବଙ୍ଗ, ଖଣ୍ଡ, ଦହି, ମଧୁ, ଘୃତ, ବିଶୁଦ୍ଧ ଜଳ, ଶଙ୍ଖ, ନାଲି ବସ୍ତ୍ର, ଓଢଣୀ, ସ୍ୱର୍ଣ୍ଣାଳଙ୍କାର, ମିଷ୍ଟାନ୍ନାଦି ବିଭିନ୍ନ ସାମଗ୍ରୀ ଆବଶ୍ୟକ ପଡିଥାଏ । ଆସନ, ସ୍ୱାଗତ, ପାଦ୍ୟ, ଅର୍ଘ୍ୟ, ଆଚମନ, ମଧୁବର୍ଗ, ପୁନରାଚମନ, ସ୍ନାନ, ବସ୍ତ୍ର, ଆଭରଣ, ଗନ୍ଧ, ପୁଷ୍ପ, ଧୂପ, ଦୀପ, ନୈବେଦ୍ୟ, ବନ୍ଦାଣ ଷୋଡଶୋପଚାର ପୂଜାବିଧି । ଦୁର୍ଗାପୂଜା ପୂର୍ବରୁ ଏପ୍ରକାର ବିଧି ଅଷ୍ଟମୀ ତିଥିରୁ ମୂଳ ଅର୍ଥାତ ଆରମ୍ଭ ହେଉଥିବାରୁ ଏହାକୁ ମୂଳାଷ୍ଟମୀ କୁହାଯାଏ । ସମସ୍ତ ଶକ୍ତି ପୀଠମାନଙ୍କରେ ଏହି ଉତ୍ସବ ପାଳିତ ହୁଏ । ସୁଖ, ଶାନ୍ତି, ସମୃଦ୍ଧି ପାଇଁ ଏହିଦିନ ଦ୍ୱିତୀବାହନ ପୂଜା ମଧ କରାଯାଏ । ଦୂତିଆ ପୂଜା ଉଦ୍ଦେଶ୍ୟରେ ଏକୋଇଶ କିମ୍ବା ଏଗାର ପନିପରିବାଯୁକ୍ତ ଘାଣ୍ଟ ଭୋଗ ଲାଗି ହୁଏ । ଏହାକୁ ଦୂତିଆ ଘାଣ୍ଟ କିମ୍ବା ମୂଳାଷ୍ଟମୀ ଘାଣ୍ଟିଆ କୁହାଯାଏ ।

ମୂଳାଷ୍ଟମୀ ଦିନ ପଶ୍ଚିମ ଓଡ଼ିଶାର ମାଆମାନେ ବ୍ରତ ରଖନ୍ତି । ନିର୍ଜଳା ଉପବାସ କରନ୍ତି । ରାତିରେ ଏକ ସାର୍ବଜନୀନ ସ୍ଥାନରେ ଏକତ୍ରିତ ହୋଇ ଦୂତୀ ବାହନ ପୂଜା କରନ୍ତି । ପରଦିନ ପ୍ରାତଃ ସ୍ନାନ ପରେ ଦୂତୀ ବାହନଙ୍କୁ ସମର୍ପିତ ଏକଶହ ଆଠ ଦୁବ ଓ ଅକ୍ଷତ ଅରୁଆ ଚାଉଳରେ ନିଜ ପୁଅଙ୍କୁ ବନ୍ଦାନ୍ତି । ପୁଓ ଜିଉଁନ୍ତିଆ ଭାବେ ଜଣାଶୁଣା ଏହା ଏକ ଆଞ୍ଚଳିକ ବ୍ରତ । ପରମ୍ପରା ଅଟେ । ପୁଅମାନଙ୍କ ଦୀର୍ଘାୟୁ ଓ ସୁଖ ସମୃଦ୍ଧି କାମନା କରି ଏହି ଓଷା ଅତି ନିଷ୍ଠାର ସହିତ ପାଳିତ ହୁଏ । ଏହାକୁ ପୁତ୍ର ପ୍ରୀତିର ଅନନ୍ତ ପ୍ରତୀକ ଭାବେ ଗ୍ରହଣ କରାଯାଇଥାଏ ।

ଆଶ୍ୱିନ କୃଷ୍ଣ ଅଷ୍ଟମୀକୁ ମୂଳାଷ୍ଟମୀ କିମ୍ବା ଉତ୍ଥାପନାଷ୍ଟମୀ କୁହାଯାଏ । ପକ୍ଷାନ୍ତରେ, ଆଶ୍ୱିନ ଶୁକ୍ଳ ଅଷ୍ଟମୀ ମହାଷ୍ଟମୀ ଭାବେ ଖ୍ୟାତ । ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଦମାତା, କାତ୍ୟାୟିନୀ, କାଳରାତ୍ରି, ମହାଗୌରୀ ଓ ସିଦ୍ଧିଦାତ୍ରୀ ମାତାଙ୍କ ନଅ ରୂପ । ମହାଷ୍ଟମୀରେ ମାତାଙ୍କୁ ତାଙ୍କର ଅଷ୍ଟମ ରୂପରେ ପୂଜାର୍ଚ୍ଚନା କରାଯାଏ । କଠୋର ତପସ୍ୟା ଏବଂ କଠିନ ସାଧନା ବଳରେ ମାତାଙ୍କୁ ମହାଗୌରୀ ରୂପ ପ୍ରାପ୍ତ ହୋଇଥିଲା ବୋଲି ଶାସ୍ତ୍ରରେ ବର୍ଣ୍ଣିତ । ମାତାଙ୍କ ଏହି ରୂପ ଦର୍ଶନରେ ବ୍ୟାଧି ବିଷାଦ ଆଦିର ଅନ୍ତ ଘଟେ । ସୁଖ, ସମୃଦ୍ଧି, ଆରୋଗ୍ୟ ଇତ୍ୟାଦି ପ୍ରାପ୍ତ ହୁଏ । କଳାବତୀ ନାମକ ଏହି ତିଥି ଜୟା ସଂଜ୍ଞକ ଅଟେ । ମଙ୍ଗଳବାରାଷ୍ଟମୀ ସିଦ୍ଧିଦା । ହେଲେ, ବୁଧବାରାଷ୍ଟମୀ ମୃତଦା । ଭଗବାନ ଶିବଙ୍କ ସହିତ ସମସ୍ତ ଦେବତା ଈଶାନ ଦିଗରେ ନିବାସ କରନ୍ତି । ମହାଷ୍ଟମୀ ଈଶାନ ଦିଶା ସଂଯୁକ୍ତା ହେତୁ ଏହାର ମହତ୍ତ୍ୱ ଖୁବ ଅଧିକ । ଦେବ, ଦାନବ, ମାନବ, ରାକ୍ଷସ, ଗନ୍ଧର୍ବ, କିନ୍ନର ସମସ୍ତେ ଅଷ୍ଟମୀ ଓ ନବମୀ ପୂଜା କରିଥାନ୍ତି । କୁଳଦେବୀ ପୂଜନ ସହିତ ଏହିଦିନ କାଳୀ, ଦକ୍ଷିଣ କାଳୀ, ଭଦ୍ରକାଳୀ ଏବଂ ମହାକାଳୀଙ୍କ ମଧ ଆରାଧନା କରାହୁଏ । ମହାଷ୍ଟମୀର ମହାସ୍ନାନ ପରେ ମାତା ଦୁର୍ଗାଙ୍କ ଷୋଡଶୋପଚାର ପୂଜା ହୁଏ । ମହାଷ୍ଟମୀ ତିଥିରେ ମାତାଙ୍କ ନଅ ରୁପର ପ୍ରତୀକ ସ୍ୱରୂପ ନଅ ଗୋଟି ମୃଣ୍ମୟ କଳସ ସ୍ଥାପନ କରାଯାଏ । ମାଁଙ୍କ ନଅ ରୁପର ଧାନ କରି ଆବାହନ କରାଯାଏ । ଏହିଦିନର ନିର୍ଜଳା ବ୍ରତ ସନ୍ତାନସନ୍ତତିଙ୍କୁ ଦୀର୍ଘାୟୁ କରେ । ମହାଷ୍ଟମୀରେ ସଧବା ମହିଳା ମହାଗୌରୀଙ୍କୁ ନାଲି ଚୂନରୀ ଚଢାଇବାର ପ୍ରଥା ରହିଛି । ମହାଗୌରୀ ଦେବୀ ଅନ୍ନପୂର୍ଣ୍ଣାଙ୍କ ଅନ୍ୟ ରୂପ । ମହାଷ୍ଟମୀରେ କନ୍ୟା ଓ ବ୍ରାହ୍ମଣ ଭୋଜନ ଶୁଭଫଳ ପ୍ରଦାନ କରେ । ଦୁଇ ବର୍ଷରୁ ଦଶବର୍ଷ ବୟସ୍କା କୁଆଁରୀ କନ୍ୟାଙ୍କୁ କୁମାରିକ, ତ୍ରିମୁର୍ତ୍ତି, କଲ୍ୟାଣୀ, ରୋହିଣୀ, କାଳୀ, ଚଣ୍ଡୀକା, କାନଭାବୀ, ଦୁର୍ଗା, ଭଦ୍ରାଦି ବେଶରେ ସଜ୍ଜିତ କରି ଶ୍ରଦ୍ଧା ଓ ଭକ୍ତିର ସହିତ ପୂଜା କରାଯାଏ । ମାତା ଦୁର୍ଗା ମହାଷ୍ଟମୀ ଦିନ ଚଣ୍ଡ ମୁଣ୍ଡ ରାକ୍ଷସଙ୍କୁ ସଂହାର କରିଥିଲେ ବୋଲି ଶାସ୍ତ୍ରୋକ୍ତି ରହିଛି । ଏହି ପାବନ ଅବସରରେ ଭଜନ, କୀର୍ତ୍ତନ, ହବନ ଓ ପୂଜନ, ନଅ ଜଣ କନ୍ୟାଙ୍କୁ ଭୋଜନ ଓ ହାଲୁଆ ପ୍ରସାଦ ବଣ୍ଟନ ଅତ୍ୟନ୍ତ ଶୁଭ ବିବେଚନା କରାଯାଏ । ମହାଷ୍ଟମୀରେ କ୍ଷୀରି, ମାଲପୁଆ, ମିଠା ହାଲୁଆ, କଦଳୀ, ନଡ଼ିଆ, ଘିଅ ମହୁ, ଚିନି, ଗୁଡ଼ ମିଷ୍ଟାନ୍ନ ଇତ୍ୟାଦି ନୈବେଦ୍ୟ ଅର୍ପଣ କଲେ ମାତା ପ୍ରସନ୍ନ ହୁଅନ୍ତି । ଆଶୀର୍ବାଦ ପ୍ରଦାନ କରନ୍ତି । ନଡ଼ିଆ, ଅଁଳା, ରାଶି ତେଲ, ଲାଲ ରଙ୍ଗ ଶାଗ, କଖାରୁ, ଲାଉ ଇତ୍ୟାଦି ଭୋଜନ ଏହିଦିନ ବର୍ଜିତ ଅଟେ । କଂସା ବାସନରେ ଭୋଜନ ମଧ ନିଷେଧ ।

ସନ୍ଧିପୂଜା ମହାଷ୍ଟମୀର ଏକ ମହତ୍ତ୍ୱପୂର୍ଣ୍ଣ ଦିଗ । ଅଷ୍ଟମୀ ସମାପ୍ତିର ଚବିଶ ମିନିଟ ଓ ନବମୀ ପ୍ରାରମ୍ଭର ଚବିଶ ମିନିଟ ଅବଧି ସନ୍ଧିକାଳ । କିମ୍ବଦନ୍ତୀ ଅନୁସାରେ ଦେବୀ ଦୁର୍ଗା ଏହି ସମୟରେ ପ୍ରକଟ ହୋଇ ଚଣ୍ଡ ମୁଣ୍ଡକୁ ନିହତ କରିଥିଲେ । ସନ୍ଧି ପୂଜାରେ ଆଗେ ବଳି ପ୍ରଥା ପ୍ରଚଳନ ଥିଲା । ଏବେ ଏହା ସମ୍ପୂର୍ଣ୍ଣ ନିଷେଧ । ପ୍ରତୀକାତ୍ମକ ବଳି ଭାବେ କଖାରୁ, ଲାଉ, କଦଳୀ, କାକୁଡି ଆଦି ଫଳ ବଳି ଦିଆଯାଇଥାଏ । ସନ୍ଧିକାଳରେ ଏକ ଶହ ଆଠ ଦୀପକ ପ୍ରଜ୍ୱଳନ କରିବା ପରମ୍ପରା ରହିଛି । ଶ୍ରଦ୍ଧା ଏବଂ ସମର୍ପଣ ସହିତ ଦୁର୍ଗାଷ୍ଟମୀ ପାଳନ କଲେ ଦୁଃଖ କଷ୍ଟ ନିବାରଣ ହୁଏ । ଶତ୍ରୁ ପରାଜିତ ହୁଏ । ଧନ ବୈଭବ ପ୍ରାପ୍ତି ହୁଏ । ଶାନ୍ତି ଓ ସଦ୍‌ଗତି ମିଳେ ।

ମହାଷ୍ଟମୀରେ ଭାଇମାନଙ୍କ ସୁଖ ସମୃଦ୍ଧି କାମନା କରି ଭଉଣୀମାନେ ଭାଇ ଜିଉଁନ୍ତିଆ ବ୍ରତ ପାଳନ କରିଥାନ୍ତି । ନବମୀ ତିଥିରେ ଭାଇମାନଙ୍କୁ ଦୁବ ମଖାଯାଏ । ଭାଇ ଭଉଣୀ ମଧରେ ସ୍ନେହ, ଶ୍ରଦ୍ଧା ଓ ସମ୍ପର୍କର ପ୍ରତୀକ ଭାଇ ଜିଉଁନ୍ତିଆ ଓଷା ।

ଭାରତୀୟ ପରମ୍ପରାରେ ମୂଳାଷ୍ଟମୀ ଓ ମହାଷ୍ଟମୀର ସାଂସ୍କୃତିକ ଓ ଧାର୍ମିକ ବିଶେଷତ୍ୱ ରହିଛି । ଶ୍ରଦ୍ଧାଳୁ ଉଭୟୋତ୍ସବ ଭକ୍ତି ଓ ନିଷ୍ଠାର ସହିତ ପାଳନ କରନ୍ତି । ସୁଖ, ଶାନ୍ତି, ସମୃଦ୍ଧି ଓ ବିଶ୍ୱକଲ୍ୟାଣ ନିମିତ୍ତ ଜଗତ୍‌ଜନନୀ ଦେବୀ ଦୁର୍ଗାଙ୍କୁ ପ୍ରାର୍ଥନା କରନ୍ତି । ମୂଳାଷ୍ଟମୀ ଓ ମହାଷ୍ଟମୀ ଶାରଦୀୟ ପାର୍ବଣର ମୂଳାଧାର । ଆଧାର ଚକ୍ର ।

**ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ,**
**ସମ୍ବଲପୁର**

# ଦୁର୍ଗେ ! ଦୁର୍ଗତି ତାରିଣୀ !

## ନାମଯଜ୍ଞ ମିଶ୍ର

'ଅଣୋରଣୀ ୟାନ୍' ମହତୋ ମହୀୟାନ, ଚରଅଚର ସକଳ ବିଶ୍ୱ ବ୍ରହ୍ମାଣ୍ଡରେ ପରିବ୍ୟାପ୍ତ କ୍ଷୁଦ୍ରରୁ ବୃହତ, କୀଟରୁ ବ୍ରହ୍ମ ସର୍ବତ୍ର ବିରାଜିତ ଶକ୍ତିର ଏକ ମାତ୍ର ଆଧାର ହେଉଛନ୍ତି 'ମହାଶକ୍ତି' । ଯେହିଁ ଈଶ୍ୱର, ଯେ ଆଲ୍ଲା, ଯେହିଁ ଖ୍ରୀଷ୍ଟ, ଯେହିଁ ବୁଦ୍ଧ ଯେହିଁ ସର୍ବ ଦେବ ଦେବ । ଏହି ଶକ୍ତି ଅଭାବରେ ଶବ ମଧ ଶିବ, ସଦୃଶା ସ୍ଥାବରର ସ୍ଥିତି ଶକ୍ତି ଜଙ୍ଗମ ରଚଳତ୍ ଶକ୍ତି, ଶୁଖିଲା ପତ୍ରଟିଏ ହଲିବା ଠାରୁ ବିଦ୍ୟୁତ, ଅଣୁ ପରମାଣୁ ପର୍ଯ୍ୟନ୍ତ ସବୁ ସେଇ ମହାମାୟାଙ୍କ କର୍ତ୍ତୃକ । ଶାକ୍ତ ମତରେ ମହାଶକ୍ତି ନିଜେ ହିଁ ମାୟା ନିଜେ ହିଁ ବ୍ରହ୍ମ ଦୁର୍ଗା ସପ୍ତଶତୀରେ ଉଲ୍ଲେଖ ଅଛି । ଏ କୋହି ଶକ୍ତି ପରମେଶରସ୍ୟ, ଭିନ୍ନ ଚତୁର୍ଦ୍ଧା ବିନିଯୋଗ କାଳେ । ଭୋଗେ ଭବାନୀ, ପୁରୁଷେସୁ ବିଷ୍ଣୁ, କୋପେଚକାଳୀ ସମରେ ଚ ଦୁର୍ଗା । କାଳିକା ପୁରାଣରେ ଉଲ୍ଲେଖ ଅଛି । ନିଳାଦ୍ରୌ ସଃ ଜଗନ୍ନାଥଃ ସାକ୍ଷାତ ଦକ୍ଷିଣ କାଳିକା, ଏପରିକି ଶ୍ରୀମତ ଜୀବ ଗୋ ସ୍ୱାମୀ ଶାସ୍ତ୍ର । ବାକ୍ୟ ଉଲ୍ଲେଖ କରି ପ୍ରତିପାଦନ କରିଅଛନ୍ତି ଯେ କୃଷ୍ଣ ଓ ଦୁର୍ଗା ଏକ 'ୟଃ କୃଷ୍ଣ ସୈବ ଦୁର୍ଗାସ୍ୟାତ ସାଦୁର୍ଗା କୃଷ୍ଣ ଏବସଃ । ଏହାପରେ ଶିବଙ୍କ ଅଭିନ୍ନ ଅଙ୍ଗ ମାଆଭବାନୀତ ସ୍ୱୟଂ ମହାମାୟା ବୋଲି ସର୍ବ ଶାସ୍ତ୍ର ପୁରାଣରେ ପ୍ରକିର୍ତ୍ତୀଣ ।

ମହାଶକ୍ତି କେବଳ ନାରୀ ନୁହଁନ୍ତି । 'ନାହଂରମଣୀ' ମାତ୍ର ଏକୋହଂ ବହୁସ୍ୟାତ ନିତିରେଆପଣା ଲୀଳା ନିମିତ୍ତ ଆପଣଙ୍କୁ ବିଭକ୍ତ କଲେ ପୁରୁଷ ଓ ନାରୀ ରୂପରେ ଶାସ୍ତ୍ର ମତେ ପୁରୁଷ ଓ ପ୍ରକୃତି ରୂପରେ । ତେବେ ନାରୀ ବା ପ୍ରକୃତି ରୂପରେ ଚିତ୍‌ଶକ୍ତି ଉଦ୍‌ଭାସିତ । ଆମ ପୁରାଣରେ ବ୍ରହ୍ମା ସୃଷ୍ଟି କର୍ତ୍ତା, ବିଷ୍ଣୁ ପାଳନ କର୍ତ୍ତା ଓ ଶିବ ସଂହାର କର୍ତ୍ତା । ଏଇ ତ୍ରିଦିବ ସୃଷ୍ଟି, ସ୍ଥିତି ଓ ପ୍ରଳୟ ବିଧାନ କରି ସୃଷ୍ଟି ଲୀଳାକୁ ସଂହତ କରନ୍ତି । ଏମାନଙ୍କ ସ୍ୱଭାବକୁ ଦେଖିବା, ବ୍ରହ୍ମା ସର୍ବଦା ଧାନ ମଗ୍ନ, ବିଷ୍ଣୁ ଅନନ୍ତ ଶାୟୀ, ଶିବ ଯୋଗାରୁଡ । ଏଇ ଧାନି, ସୁପ୍ତ ଓ ଯୋଗୀ ପୁରୁଷମାନେ ନିଜ ନିଜ କର୍ତ୍ତବ୍ୟ କରନ୍ତି କେତେ ବେଳେ ? କିଏ ଏମାନଙ୍କୁ ସୃଷ୍ଟି ସ୍ଥିତି ପ୍ରଳୟ କାର୍ଯ୍ୟ ପାଇଁ କିଏ ଜଗାଏ ? କିଏ ପ୍ରେରିତ କରେ ? ଗୋଟିଏ ଉଦାହରଣ ନେବା । ମାର୍କଣ୍ଡେୟ ପୁରାଣରେ ଉକ୍ତ ଅଛି ଯେ ସଂସାରର ପ୍ରଳୟ କାଳ ମଧରେ ସବୁ କିଛି ଅପାର ପାର ଜଳରାଶି ମଧରେ ଲୀନ ହେଲା କେବଳ ଆଦି ବିଷ୍ଣୁ ବଟ ପୁଟରେ ଶିଶୁ ଭାବରେ ଶାୟିତ ଥିଲେ । କିଛି କାଳ ପରେ ଆଦି ବିଷ୍ଣୁ ଆପଣାକୁ ବହୁ ଭାବରେ ରୁପାୟନ କରିବାକୁ ଦ୍ୱିଧା ବିଭକ୍ତ କରି ପୁରୁଷ ଭାବରେ ବିରାଟ ରୁପ ନେଇ ମହା ପ୍ରଳୟ ଜଳ ମଧରେ ଅନନ୍ତ ଶୟନରେ ନିଦ୍ରା ଗଲେ ଓ ଅପର ଅଂଶ ପ୍ରକୃତି ବା ମହା ଲକ୍ଷ୍ମୀ ସ୍ୱରୁପରେ ଏହି ନିଦ୍ରାଳୁ ପୁରୁଷଙ୍କୁ ଜଗି ରହିଲେ । ଶାୟିତ ପୁରୁଷଙ୍କର କର୍ଣ୍ଣ ମଳିରୁ ଜାତ ହେଲେ ପ୍ରକାଣ୍ଡ ଅପଶକ୍ତି ଦାନବ ମଧୁ କୈଟଭ । ଏହି ଦାନବଙ୍କର ଉତ୍ପାତ ଓ ଆକ୍ରମଣ ଦେଖି ଚିତ୍ ଶକ୍ତି ମହାଲକ୍ଷ୍ମୀ ସୁପ୍ତ ପୁରୁଷଙ୍କୁ ଜାଗ୍ରତ କରିଥିଲେ ଓ ମହାପ୍ରଭୁଙ୍କ ଦ୍ୱାରା ମଧୁ କୈଟଭଙ୍କର ବିନାଶ ହୋଇ ମେଦ ମେଦା ମେଦିନିରେ ପରିଣତ ହୋଇଥିଲା । ମହାପ୍ରଭୁଙ୍କ ଚିତ୍ର ଶକ୍ତି ଯେପରି ମହାଲକ୍ଷ୍ମୀ ଶିବଙ୍କର ଶିବାନୀ, ବ୍ରହ୍ମାଙ୍କର ବ୍ରହ୍ମାଣୀ ଇନ୍ଦ୍ରଙ୍କର ଇନ୍ଦ୍ରାଣୀ ତଥା ପ୍ରତ୍ୟେକ ଜୀବ ପାଇଁ ମାତା, ଜାୟା, ଭଗିନୀ ରୁପରେ ଅବସ୍ଥାନ କରି ମହାଶକ୍ତି ସର୍ବଦା ଚେତନା ପ୍ରଦାନ କରି ଆସୁ ଅଛନ୍ତି । ତେଣୁ କୁହାଯାଇଛି ଚିତ୍ର ରୁପେଣ ଜାଗୃତ ସ୍ୱମେତଦ ବ୍ୟାପା ସ୍ଥିତା ଜଗତା ନମସ୍ତସୈ ନମସ୍ତସୈ ନମସ୍ତସୈ ନମୋ ନମଃ 'ମାଆ ଚେତନା ରୁପରେ ଜଗତ୍ ବ୍ୟାପି ବିଦ୍ୟାମାନ ।

ମହାଶକ୍ତିର ଲୀଳା ଅବାଙ୍ଗ୍ ମାନସ ଗୋଚର । ଯତୋ ବାଚା ନିରର୍ତ୍ତନ୍ତେ ଅପ୍ରାପ୍ୟ ମନ ସାସହ ପାଶ୍ଚାତ୍ୟ ଦାର୍ଶନିକ ହର୍ବର୍ଟ ସ୍ପେନ୍ସରଙ୍କ ଭାଷାରେ ସୃଷ୍ଟିର ଅନ୍ତରାଳର କାରଣ ସରୁପ ଯେଉଁ ଶକ୍ତି ବିଦ୍ୟମାନ, ଯାହାର ପ୍ରଭାବରେ ସମସ୍ତ ବିଶ୍ୱ ନିୟନ୍ତ୍ରିତ, ତାହାର ମୁଳ ତତ୍ତ୍ୱ ଅଜ୍ଞାତ ଓ ଅଜ୍ଞେୟା କେବଳ ସେହି ମହାଶକ୍ତିଙ୍କର କୃପା ହେଲେ ମାନବ ବୈଦିକ ଆର୍ଯ୍ୟ ରୁଷିଙ୍କର ସବ୍ରଦ୍ରଷ୍ଟା ଚକ୍ଷୁନେଇ ତାକୁ ବ୍ରହ୍ମାଣ୍ଡ ସାଗରର ଉର୍ମି ଉପରି ଚୈତନ୍ୟ କମଳ ମଧରେ ଜ୍ୟୋତିଃ ରୁପେ ସାକ୍ଷାତ କରିପାରେ । ବେଦୋକ୍ତ ମତରେ 'ବିଶ୍ୱ ବିଚି ବିଳସ୍ୟ ୟଂ ଚିତ୍ ସୁଧାବ୍ଧ ରୁଞ୍ଜତି' ।

ମାଆ ସୃଷ୍ଟି ସ୍ଥିତି ପ୍ରଳୟ କାରିଣୀ, ମାଆଙ୍କର ଲୀଳା ଅପାର ପାର । ବ୍ରହ୍ମରୁ କୀଟ ପର୍ଯ୍ୟନ୍ତକୁ ସ୍ଥାବର ଜଙ୍ଗମ ଆଦି ଚାରିଖାନାକୁ ଦେବ, ଦାନବ, ମାନବ ନାଗ ଠାରୁ ଆରମ୍ଭ କରି କୀଟ ଭାଇରସ୍ ପର୍ଯ୍ୟନ୍ତ ସମସ୍ତଙ୍କୁ କିଛି ନା କିଛି ଶକ୍ତି ଦେଇଥାନ୍ତି । ପ୍ରାପ୍ତ ଶକ୍ତିର ସୁବିନିଯୋଗ ଯୋଗେ ସୃଷ୍ଟି କଲ୍ୟାଣ ସାଧନ ହେଲେ ମହାମାୟା ସନ୍ତାନର ସୁକର୍ମ ଦେଖି ଗର୍ଭ ଧାରିଣୀ ଉଲ୍ଲସିତ ହେବା ପରି ପ୍ରସନ୍ନା ଥାଇ ଅପାର ଐଶ୍ୱର୍ଯ୍ୟ ଦେଇ ଚାଲି ଥାଆନ୍ତି ମାତ୍ର ଶକ୍ତିର ଅପବ୍ୟ ବହାର ଓ

**ଅବଶିଷ୍ଟାଂଶ ୪ର୍ଥ ପୃଷ୍ଠାରେ**

## ଆଜିର ଚିନ୍ତନ

ଅବ୍‌ଦୁର ରହୀମ ଖାନଖାନା ଆକବରଙ୍କ ଦରବାରରେ ନବରତ୍ନ ରୂପେ କାମ କରୁଥିଲେ । ଅନେକ ଥର ଆକବର ତାଙ୍କର କବିତାରେ ପ୍ରସନ୍ନ ହୋଇ ତାଙ୍କୁ ହୀରା–ସୁନାର ଅଳଙ୍କାର ଦେଉଥିଲେ, ପରନ୍ତୁ ଅବ୍‌ଦୁର ରହୀମ ଖାନଖାନା ସେହି ଗୁଡ଼ିକୁ ତୁରନ୍ତ ବିତରଣ କରିଦେଉଥଲେ । ରତ୍ନ ବିତରଣ କଲା ବେଳେ ସେ ଆଖି ବନ୍ଦ କରିଦେଉଥିଲେ, ଏହା ତାଙ୍କର ଅଭ୍ୟାସ ଥିଲା ।

ଥରେ କବି ଗଙ୍ଗ ତାଙ୍କୁ ଭେଟିବାକୁ ଗଲେ । ସେ ଦେଖିଲେ ଯେ ଜଣେ ବ୍ୟକ୍ତି ଅବ୍‌ଦୁର ରହୀମ ଖାନଖାନାଙ୍କ ଠାରୁ ରତ୍ନ ନେବା ପାଇଁ ନଅ ଥର ଧାଡ଼ିରେ ଯାଇ ଠିଆ ହେଲାଣି । ଖାନଖାନାଙ୍କ ଆଖୁ ବନ୍ଦ ଥିବା ଯୋଗୁଁ ତାକୁ ବାରମ୍ବାର ଧାଡ଼ିରେ ଠିଆ ହେବାର ସୁଯୋଗ ମିଳିଯାଉଥିଲା । ଏହି ଦୃଶ୍ୟ ଦେଖି କବି ଗଙ୍ଗ ଆଉ ସମ୍ଭାଳି ପାରିଲେ ନାହିଁ ଏବଂ ସେ କବିତା ମାଧମରେ ଅବ୍‌ଦୁର ରହୀମ ଖାନଖାନାଙ୍କୁ ସଚେତନ କରାଇବାକୁ ଚାହିଁଲେ । ସେ କହିଲେ –

କହାଁ ସେ ସୀଖୀ ନବାବଜୁଁ ଐସୀ ଦେନୀ ଦେନ ।
ଜ୍ୟୋ ଜ୍ୟୋ କର ଉପର ଉଠେ ତଂ ଜ୍ୟୋ ନୀଚେ ଜୈନ ।

ଅର୍ଥାତ୍ ପ୍ରଥମ ଥର ପାଇଁ ମୁଁ ଦେବାର ଏପରି ଉପାୟକୁ ଦେଖୁଛି, ଯେଉଁଥିରେ ଆପଣଙ୍କ ହାତ ତ ଦେବା ପାଇଁ ଉପରକୁ ଉଠୁଛି, କିନ୍ତୁ ଆଖି ତଳକୁ ହୋଇଯାଉଛି ।

ଅବ୍‌ଦୁର ରହୀମ ଖାନଖାନା ତାଙ୍କର ଅଭିପ୍ରାୟକୁ ବୁଝି ଉତ୍ତର ଦେଲେ
ଦେନହାର କୋଇ ଔର ହୈ ଜୋ ଦେତା ଦିନ ରୈନ ।
ଲୋଗ ଭରମ ମୋ ପର କରେ ତାତେ ନୀଚେ ନୈନ ।।

ଅର୍ଥାତ୍ ଦେବା ବାଲା ତ ଭଗବାନ ଅଟନ୍ତି, ଯିଏ ସମସ୍ତଙ୍କୁ ଦେଇଥାନ୍ତି । ଲୋକେ ଭାବୁଛନ୍ତି ଯେ ମୁଁ ଦେଉଛି, ସେଥିପାଇଁ ନଜର ତଳକୁ କରି ଦେଉଛି । ଭଗବାନଙ୍କ ପ୍ରତି ଏହି ସମର୍ପଣ ଅପରିଗ୍ରହକୁ ଜନ୍ମ ଦେଇଥାଏ ।

ସାପ୍ତାହିକ
ସ୍ୱୀକାର
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ୰ ଶରତ ନାରାୟଣ ବେହେରା
Postal Regd. No.: SBP/14/2025-2027
RNI No. 66443/94
Vol.29 | Issue - 39 | 28 September - 4 October 2025 | Sambalpur | Pages- 8 | Invitation Price Rs.10

# ବିଜେପି ସରକାର ଗରିବ ଲୋକଙ୍କୁ ସଶକ୍ତ କରିବାର ସରକାର: ନରେନ୍ଦ୍ର ମୋଦୀ









ଝାରସୁଗୁଡ଼ା: ବିଜେପି ସରକାର ଗରିବ ଲୋକଙ୍କୁ ସଶକ୍ତ କରିବାର ସରକାର ଅଟେ । ଏହା ସମର୍ପଣ ଭାବେ କାମ କରୁଥିବାରୁ ଏଥିରୁ ଓଡ଼ିଶାକୁ ମଧ ବହୁ ଲାଭ ମିଳୁଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ।

ଝାରସୁଗୁଡ଼ାର ଅମଲିପାଲି ଠାରେ ଆୟୋଜିତ ଯୁବ ସମାବେଶରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଯୋଗ ଦେଇ ଓଡ଼ିଶା ସରକାରଙ୍କର

## ଝାରସୁଗୁଡ଼ା ସଭାରେ ରାଜ୍ୟ ସରକାରଙ୍କୁ ପ୍ରଶଂସା କଲେ ମୋଦୀ

କାମର ପ୍ରଶଂସା କରି କହିଥିଲେ ଯେ, ଚିପ୍ସରୁ ସିପ୍ ପର୍ଯ୍ୟନ୍ତ ଭାରତକୁ ଆତ୍ମନିର୍ଭର କରିବା ପାଇଁ ଯୋଜନା କରାଯାଉଛି । ଫଳରେ ଏଥିରେ ଯୁବ ସମାଜ ବିଶେଷ ଉପକୃତ ହୋଇ ପାରିବେ ।

କଂଗ୍ରେସ ଦଳକୁ ତୀବ୍ର ସମାଲୋଚନା କରି ଶ୍ରୀ ମୋଦୀ କହିଥିଲେ ଯେ, ୨୦୧୪ ମସିହା ପର୍ଯ୍ୟନ୍ତ କଂଗ୍ରେସ ଦେଶକୁ ଲୁଟ୍ କରୁଥିଲା । କଂଗ୍ରେସ ଯେଉଁଠି ରହିବ ସେଠି ଲୁଟିବ । ଏଥିପ୍ରତି ଜନସାଧାରଣ ସତର୍କ ରହିବା ପାଇଁ ଶ୍ରୀ ମୋଦୀ କହିଥିଲେ ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସମାବେଶରେ ସ୍ୱାଗତ ଭାଷଣ ଦେଇ କହିଥିଲେ ଯେ, ଆଠବର୍ଷ ପୂର୍ବେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଲୋକାର୍ପିତ କରିଥିବା ବୀର ସୁରେନ୍ଦ୍ର ସାଏ ଏୟାରପୋର୍ଟ ଓଡ଼ିଶାକୁ ବିଶେଷକରି ପଶ୍ଚିମ ଓଡ଼ିଶାର ବିକାଶର ଗତିକୁ ତ୍ୱରାନ୍ୱିତ କରିଛି । କିଛିଦିନ ପୂର୍ବେ ସମଗ୍ର ଦେଶ ପାଳନ କରିଥିବା ଶ୍ରୀ ମୋଦୀଙ୍କ ଜନ୍ମ ଦିବସ, କେବଳ ଏକ ଜନ୍ମ ଦିବସ ଉତ୍ସବ ନଥିଲା, ବରଂ ଏହା ଥିଲା ଦେଶ ପ୍ରତି ତାଙ୍କର ପଚାଶ ବର୍ଷରୁ ଅଧିକ ସମୟଧରି, ଅତୁଟ ସମର୍ପଣ ଭାବରେ କରିଥିବା ସେବାର ପ୍ରତିଫଳନ । ସେପ୍ଟେମ୍ବର ୧୭ ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ 'ସେବା ପକ୍ଷ' ଭାବରେ ପାଳନ କରିବା ଏହାର ସବୁଠାରୁ ବଡ଼ ପ୍ରମାଣ । ଏହା ଆମ ପାଇଁ 'ସେବା ପର୍ବ' ।

ଶ୍ରୀ ମୋଦୀଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଯୁବ ବର୍ଗଙ୍କ ବଡ଼ 'ଆଇକନ୍' ବୋଲି ବର୍ଣ୍ଣନା କରି କହିଥିଲେ ଯେ, ଯୁବ ବର୍ଗଙ୍କ ପାଇଁ ସେ ଆରମ୍ଭ କରିଥିବା ଯୋଜନା ଗୁଡିକର ସକାରାତ୍ମକ ପରିଣାମ ସ୍ପଷ୍ଟ ଭାବେ ଆଜି ଦେଖା ଯାଉଛି । 'ଅପରେସନ ସିନ୍ଦୁର' ସହିତ ଦେଶର ସୁରକ୍ଷାକୁ ନେଇ ଶ୍ରୀ ମୋଦୀ ଯେଉଁ 'ଲକ୍ଷ୍ମଣ ରେଖା' ଆଙ୍କିଛନ୍ତି, ସେଥିରେ ଦେଶର ଯୁବବର୍ଗଙ୍କର ମନପ୍ରାଣରେ ଏକ ନୂତନ ଉତ୍ସାହ ଭରି ଦେଇଛି । ପହଲଗାମର ନରସଂହାର ପରେ, ଶତ୍ରୁ ଦେଶରେ



ପ୍ରବେଶ କରି, ଆତଙ୍କବାଦୀ ଏବଂ ସେମାନଙ୍କର ପୃଷ୍ଠପୋଷକଙ୍କୁ ଯେପରି ଦଣ୍ଡ ଦିଆଗଲା, ସେଥିରେ ଦେଶର ସୁରକ୍ଷା ନୀତିର ସବୁ ଦିଗ ସମ୍ପୂର୍ଣ୍ଣ ଭାବେ ବଦଳିଯାଇଛି ।

ଶ୍ରୀ ମାଝୀ କହିଥିଲେ ଯେ, ସୁଭଦ୍ରା ଯୋଜନା ଅଧିନରେ ଓଡ଼ିଶାରେ ଏକ କୋଟିରୁ ଅଧିକ ମା'ମାନଙ୍କୁ ପ୍ରତିବର୍ଷ ଦଶ ହଜାର ଟଙ୍କାର ସହାୟତା ମିଳୁଛି । ଗତବର୍ଷ ଜଣେ ଆଦିବାସୀ ମା'ଙ୍କ ହାତରୁ କ୍ଷିରି ଖାଇ ଶ୍ରୀ ମୋଦୀ ପାଳନ କରିଥିବା ଜନ୍ମଦିନ ଓଡ଼ିଶାବାସୀଙ୍କ ପ୍ରତି ତାଙ୍କର ଏହି ଭଲପାଇବା ସମସ୍ତଙ୍କୁ ଅଭିଭୂତ କରିଛି ।

ସେ କହିଥିଲେ ଯେ, ପରିବେଶ ସୁରକ୍ଷା ପାଇଁ ଗତବର୍ଷ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଯେଉଁ 'ଏକ ପେଡ୍ ମା' କେ ନାମ୍' କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ, ତାହା ଆଜି ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି । ଚଳିତ ବର୍ଷ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ସେପ୍ଟେମ୍ବର ୧୭ ରେ, 'ଏକ ପେଡ୍ ମା କେ ନାମ୍ ୨.୦' ଅଭିଯାନରେ, ରାଜ୍ୟ ସରକାର ୭୫ ଲକ୍ଷ ବୃକ୍ଷରୋପଣ ପାଇଁ ସଙ୍କଳ୍ପ ନେଇଥିଲା ।

ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ




ବର୍ଷ ୨୯, ସଂଖ୍ୟା - ୩୯, ୨୮ ସେପ୍ଟେମ୍ବର - ୪ ଅକ୍ଟୋବର ୨୦୨୫

# ଓଡ଼ିଆ ଭାଷାର ସରକାରୀ କରଣ କେବେ ?

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଉଦ୍ୟମରେ ପ୍ରଥମକରି ୧୯୫୪ ସେପଟ୍ମେର ୮ରେ ଓଡ଼ିଆକୁ ସରକାରୀ ଭାଷାର ମାନ୍ୟତା ଦେବା ପାଇଁ 'ଭାଷା ସୁରକ୍ଷା ଆଇନ' ପ୍ରଣୀତ ହେଲା । ଜନସାଧାରଣଙ୍କ ମନରେ ଏକ ଆଶା ଉଜ୍ଜୀବିତ ହେଲା ଯେ ଏଣିକି ସରକାରୀ ଚିଠିପତ୍ର ଓଡ଼ିଆରେ ଆଦାନ ପ୍ରଦାନ ହେବ ଓ ସେଗୁଡ଼ିକୁ ବୁଝିବାରେ କୌଣସି ଅସୁବିଧା ହେବନାହିଁ । କିନ୍ତୁ ଅମଲାତାନ୍ତ୍ରିକ ଅଭିସନ୍ଧି ଓ ରାଜନୈତିକ କୂଟନୀତି ଯୋଗୁ ତାହା ନାଳିଫିଁତା ତଳେ ଚାପିହୋଇଗଲା ।

୮୦ଦଶକରେ କଂଗ୍ରେସ ଶାସନ ସମୟରେ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଉଦ୍ୟମରେ ଓଡ଼ିଆକୁ ସରକାରୀ ଭାଷାର ମାନ୍ୟତା ପ୍ରଦାନ କରାଯିବାର ଆଉ ଏକ ଅଭିଯାନ ଆରମ୍ଭ ହେଲା । ଏପରିକି ଇଂଲିଶ୍ ଭାଷାର ବ୍ୟବହାରିକ ଭାଷାନ୍ତର ପାଇଁ ସ୍ୱତନ୍ତ୍ର ଶବ୍ଦକୋଷ ପ୍ରସ୍ତୁତିର ଉଦ୍ୟମ କରାଗଲା । କିନ୍ତୁ ଏପରି ଉଦ୍ୟମ କିଛିଦିନ ପରେ ଅକାମୀ ହୋଇଗଲା । ଏପରିକି କେତେଜଣ ପ୍ରଜ୍ଞାଶୀଳ ବ୍ୟକ୍ତି ଆଶଙ୍କା ପ୍ରକଟ କଲେ ଯେ ଇଂଲିଶ ଭାଷାର ସହାୟତା ବିନା ଓଡ଼ିଆ ଭାଷା ପ୍ରଚଳନ ସମ୍ଭବ ନୁହେଁ । ୨୦୧୪ ଫେବୃଆରୀ ୨୦ରେ କେନ୍ଦ୍ର ସରକାର ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ପ୍ରଦାନ କରିଛନ୍ତି । ସର୍ବଭାରତୀୟ ଭାଷାଗୁଡ଼ିକ ମଧ୍ୟରେ ଏହା ଥିଲା ଏକ ପୁରାତନ ଭାଷା ଓ ସଂସ୍କୃତ ଏହାର ଉତ୍ସ । ଇତିହାସ କହେ, ଖ୍ରୀଷ୍ଟୀୟ ଦ୍ୱିତୀୟ ଶତାବ୍ଦୀରେ ଆର୍ଯ୍ୟ ଓ ଦ୍ରାବିଡ ଭାଷାର ଜନ୍ମ ସମୟ । କେନ୍ଦ୍ର ସରକାର ଉପରୋକ୍ତ ତଥ୍ୟକୁ ଗ୍ରହଣକରି ଏହାକୁ ଶାସ୍ତ୍ରୀୟତାରେ ବିମଣ୍ଡିତ କଲେ । ଆମ ପଡ଼ୋଶୀ ଦେଶ ବାଂଲାଦେଶରେ ବଙ୍ଗଳା ଭାଷା ସରକାରୀ ଭାଷାର ମାନ୍ୟତା ପାଇଛି । ସ୍ୱାଧୀନତା ପରେ ପରେ ୧୯୫୨ ଫେବୃଆରୀ ୨୧ ପୂର୍ବ ପାକିସ୍ତାନ(ଅଧୁନା ବାଂଲାଦେଶ)ର ଭାଷା ଆନ୍ଦୋଳନ ଏତେ ପ୍ରଭାବୀ ଥିଲା ଯେ ମିଳିତ ଜାତିସଂଘ ଫେବୃଆରୀ ୨୧କୁ ମାତୃଭାଷା ଦିବସର ମାନ୍ୟତା ଦେଲା । କିନ୍ତୁ ପରିତାପର କଥା ଯେ ଓଡ଼ିଆ ଭାଷା ଏତେ ପୁରାତନ ହୋଇ ମଧ୍ୟ ସରକାରୀ ଭାଷାର ମାନ୍ୟତା ପାଇପାରିନାହିଁ । ନବୀନ ପଟ୍ଟନାୟକଙ୍କ ଶାସନ ସମୟରେ ୨୦୧୬ ଅଗଷ୍ଟ ୧୬ଠାରୁ ଓଡ଼ିଆ ଭାଷାକୁ ପୁନର୍ବାର ସରକାରୀ ଭାଷା ରୂପେ ପ୍ରଚଳନ କରିବା ପାଇଁ ନିର୍ଦ୍ଦେଶନାମା ଜାରିହେଲା । କିନ୍ତୁ ଏହା ପୂର୍ବପରି ଦିଗହଜା ହେଲା । ରାଜ୍ୟରେ ଭାଜପା ସରକାର କ୍ଷମତାକୁ ଆସିବା ପରେ ଯେଉଁସବୁ ଘୋଷଣା କରାଗଲା, ତନ୍ମଧ୍ୟରେ ଓଡ଼ିଆ ଭାଷାର ସରକାରୀକରଣ ଅନ୍ୟତମ । ଜନସାଧାରଣ ଦୃଢ଼ତାର ସହ ଆସ୍ଥା ସ୍ଥାପନକଲେ ଯେ ଏଥର ଓଡ଼ିଆ ନିଶ୍ଚିତ ସରକାରୀ ଭାଷା ରୂପେ ପ୍ରଚଳିତ ହେବ । କିନ୍ତୁ ଆଜିର ସ୍ଥିତି ଯାହା ଏବେ ମଧ୍ୟ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ଇଂଲିଶ ଭାଷାର ଆଧିପତ୍ୟ ରହିଛି । କେତେବେଳେ କେମିତି କାଁଭାଁ ହାତ ଗଣତି ଚିଠି ଓଡ଼ିଆରେ ଲେଖାଯାଉଛି ଯାହା ତ୍ରୁଟିଶୂନ୍ୟ ହୋଇ ପାରୁ ନାହିଁ । ଓଡ଼ିଆ ଭାଷାର ପ୍ରବୀଣ ବ୍ୟକ୍ତି ବିଶେଷଙ୍କୁ ଏହା ନୈରାଶ୍ୟ ମଧ୍ୟକୁ ଠେଲିଦେଉଛି । ପ୍ରତ୍ୟେକ ବ୍ୟବସାୟିକ ପ୍ରତିଷ୍ଠାନ ଓଡ଼ିଆରେ ନାମଫଳକ ଲେଖିବା ପାଇଁ ବାଧ୍ୟତାମୂଳକ ଥିବାବେଳେ ଏହାକୁ ଅନେକ ମାନୁନାହାନ୍ତି । ଏଥିପାଇଁ ସରକାର ଖିଲାପକାରୀ ୧୦୦ ବ୍ୟବସାୟିକ ପ୍ରତିଷ୍ଠାନ ମାଲିକଙ୍କ ନାମରେ ମକଦ୍ଦମା ରୁଜୁ କରାଯାଇଛି ବୋଲି ବିଧାୟକ ପ୍ରସନ୍ନ ଆଚାର୍ଯ୍ୟଙ୍କ ବିଧାନସଭାରେ ଉତ୍ତରରେ କହିଛନ୍ତି ଶ୍ରମ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ । ସେ କହିଛନ୍ତି ଯେ, ୧୬୦୬ ପ୍ରତିଷ୍ଠାନକୁ ଓଡ଼ିଆରେ ନାମଫଳକ ଲେଖୁ ନଥିବାରୁ ସେମାନଙ୍କୁ ନୋଟିସ କରାଯାଇଛି । ସେ ଖୋର୍ଦ୍ଧା ଜିଲ୍ଲାରେ ସର୍ବାଧିକ ୩୮ ଜଣଙ୍କ ନାଁରେମାମଲା ରୁଜୁ କରାଯାଇଥିବାବେଳେ ଝାରସୁଗୁଡ଼ାରେ ୨୩୭, ଖୋର୍ଦ୍ଧାରେ ୨୦୧ ବ୍ୟବସାୟିକ ପ୍ରତିଷ୍ଠାନକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି । ଆମ ପିଲାମାନଙ୍କର ଓଡ଼ିଆ ଭାଷା ଜ୍ଞାନ କ୍ରମେ ସଙ୍କୁଚିତ ହେଉଥିବା ଲକ୍ଷ୍ୟକରାଯାଉଛି । ଉଚ୍ଚଶ୍ରେଣୀର ପିଲାମାନେ ଠିକ୍ ଭାବେ ଓଡ଼ିଆ ଲେଖିବାରେ ଅସମର୍ଥ । ଇ-ଈ, ଉ-ଊ ଓ ଶ–ଷ-ସ ମଧ୍ୟରେ ଥିବା ପାର୍ଥକ୍ୟ, ଉଚ୍ଚାରଣଗତ ଭିନ୍ନତା ଓ ଠିକ୍ ଲିଖନ ପ୍ରକ୍ରିୟାରେ ବ୍ୟାପକ ଅସଙ୍ଗତି ଓଡ଼ିଆ ଭାଷାବିତ୍‌ମାନଙ୍କୁ ବ୍ୟଥିତ କରିଛି । ପିଲାମାନଙ୍କ ପଠନ ଲିଖନ ପ୍ରକ୍ରିୟା ଅତ୍ୟନ୍ତ ନୈରାଶ୍ୟଜନକ । ଶ୍ରୁତଲିଖନ ପ୍ରାଥମିକ ସ୍ତରରେ ପିଲାମାନଙ୍କୁ ଭାଷାଜ୍ଞାନରେ ସୁଦୃଢ଼ କରିଥାଏ । ହସ୍ତାକ୍ଷର ଖାତା ଲେଖିବାରେ ମଧ୍ୟ ଦୁଇଟି ଉପକାର ମିଳିଥାଏ । ପ୍ରଥମତଃ ବନାନ ଶୁଦ୍ଧି ଓ ଦ୍ୱିତୀୟତଃ ସୁନ୍ଦର ଅକ୍ଷର ଲେଖିବାର ପ୍ରଚେଷ୍ଟା । ଏସବୁ ଉପରେ ବିଦ୍ୟାଳୟ ସ୍ତରରେ ସେପରି ଗୁରୁତ୍ୱ ଦିଆଯାଉନାହିଁ । ଫଳରେ ପିଲାମାନେ ମାତୃଭାଷାରେ ଅତ୍ୟନ୍ତ ଦୁର୍ବଳ । ସେହି ପିଲାମାନେ ଯେତେବେଳେ ଉପର ଶ୍ରେଣୀକୁ ଯିବେ କିମ୍ବା ଶିକ୍ଷା ସମାପ୍ତି ପରେ ସରକାରୀ କିମ୍ବା ବେସରକାରୀ ଅନୁଷ୍ଠାନରେ କୌଣସି କାର୍ଯ୍ୟଭାର ଗ୍ରହଣ କରିବେ, ସେମାନେ କିପରି ଆମ ମାତୃଭାଷାର ସୁରକ୍ଷା ବହନ କରିପାରିବେ ? ଓଡ଼ିଆ ଭାଷାର ସାମୂହିକ ଦୁର୍ଗତି ଆମ ପୂର୍ବଜ ଶିକ୍ଷାବିତ୍‌ଙ୍କ ଅନ୍ତରାତ୍ମାକୁ ପୀଡ଼ା ଦେଉଥିବ । ସେମାନେ ସ୍ୱର୍ଗରେ ଥାଇ ହୁଏତ ଭାବୁଥିବେ ତାଙ୍କ ଉତ୍ତରପିଢ଼ି କେତେ ଅକୃତଜ୍ଞ । ନିଜ ମାତୃଭାଷାର ସୁରକ୍ଷାରେ ଯେଉଁ ଜାତି ଏତେ ଅପାରଗ ସେ କିପରି ଏ ଜାତିର ଭବିଷ୍ୟତ ସୁରକ୍ଷା ବହନ କରିପାରିବ ? ସେଦିନ ବ୍ୟାସକବିଙ୍କ ଲେଖନୀରୁ ଝରି ଆସିଥିଲା – ଦୁଇପଦ କବିତା । ଭ୍ରମିଲି ବହୁ ଦେଶ ଦୂର– କାଞ୍ଚି କାମାକ୍ଷା କାନପୁର । ପଢ଼ିଲି ନାନା ଦେଶ ଭାଷା –କାହିଁ ତ ନ ପୂରିଲା ଆଶା ଦେଖିଲି ନାହିଁ ଘୂରି ଘୂରି– ମୋ ମାତୃଭାଷାର ମାଧୁରୀ ହେଉ ପଛକେ ସେ ନିକୃଷ୍ଟ– ମୋ ମାତୃଭାଷା ମୋତେ ଶ୍ରେଷ୍ଠ । ମାତୃଭୂମି ଓ ମାତୃଭାଷାକୁ ଶ୍ରେଷ୍ଠତା ପ୍ରଦାନ ପ୍ରତ୍ୟେକ ଜାତି ପକ୍ଷେ ସର୍ବାଦୌ ବାଞ୍ଛନୀୟ ।



# ଅହିଂସା ଦ୍ୱାରା

## ମହାତ୍ମା ଗାନ୍ଧୀ

ଅହିଂସା ଦ୍ୱାରା କିପରି ସମବଣ୍ଟନ ସମ୍ଭବ କରିହେବ, ବର୍ତ୍ତମାନ ତାହାର ବିଚାର କରାଯାଉ । ଯେଉଁ ବ୍ୟକ୍ତି ଏହି ଆଦର୍ଶଟିକୁ ନିଜ ଜୀବନର ଏକ ଅଂଶରେ ପରିଣତ କରିଛି, ସେହି ଆଡକୁ ସର୍ବପ୍ରଥମ ସୋପାନରୂପେ ସେ ଆପଣାର ବ୍ୟକ୍ତିଗତ ଜୀବନରେ ଆବଶ୍ୟକ ପରିବର୍ତ୍ତନଗୁଡିକୁ ଅବଶ୍ୟ ଘଟାଇବ । ଭାରତବର୍ଷର ଦାରିଦ୍ର୍ୟକୁ ମନ ଭିତରେ ରଖି ସେ ନିଜର ପ୍ରୟୋଜନଗୁଡିକୁ ସର୍ବନିମ୍ନ ସ୍ତରକୁ ନେଇ ଆସିବ । ତା'ର ଯାବତୀୟ ଉପାର୍ଜନରେ ସେ କୌଣସି ଅସାଧୁତା ଅବଲମ୍ବନ କରି ନ ଥିବ । ତାକୁ ସଟ୍ଟାବାଜିର ଯାବତୀୟ ବାସନାକୁ ତ୍ୟାଗ କରିବାକୁ ହେବ । ତା'ର ନିବାସଗୃହ ତା' ଜୀବନର ନୂତନ ପଦ୍ଧତିଟି ସହିତ ସଂଗତି ରକ୍ଷା କରୁଥିବ । ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଆତ୍ମସଂଯମ ରହିଥିବ । ନିଜ ଜୀବନରେ ଯାହାକିଛି ସମ୍ଭବ, ସେସବୁକୁ କରି ସାରିଲା ପରେ ଯାଇ ସେ ନିଜର ସହକର୍ମୀ ଏବଂ ପ୍ରତିବେଶୀମାନଙ୍କ ମଧ୍ୟରେ ଏହି ଆଦର୍ଶଟିକୁ ପ୍ରଚାର କରିପାରିବ ।

ବସ୍ତୁତଃ, ସମବଣ୍ଟନର ଏହି ଆଦର୍ଶଟିର ମୂଳରେ ଧନୀମାନଙ୍କ ପାଖରେ ଯେଉଁ ଉଦବୃତ୍ତ ସମ୍ପତ୍ତିରାଶି ରହିଛି, ତାହାକୁ ସେମାନେ ଟ୍ରଷ୍ଟୀଭାବରେ ରଖିବାର ଅନ୍ୟ ଆଦର୍ଶଟିକୁ ମଧ୍ୟ ନିହିତ ହୋଇ ରହିଛି । କାରଣ, ଏହି ଆଦର୍ଶଟି ଅନୁସାରେ ସେମାନଙ୍କ ପକ୍ଷରେ ସେମାନଙ୍କ ପ୍ରତିବେଶୀମାନଙ୍କ ତୁଳନାରେ ଅଧିକ ଗୋଟିଏ ଟଙ୍କା ମଧ୍ୟ ରଖିବା ଉଚିତ ହେବନାହିଁ ।

ଏହାକୁ ପ୍ରକୃତରେ କିପରି ସମ୍ଭବ କରିହେବ ? ଅହିଂସାଦ୍ୱାରା କରିହେବ ? ବା ଧନୀମାନଙ୍କ ଠାରୁ ସେମାନଙ୍କର ସମ୍ପତ୍ତିକୁ ଛଡାଇ ନିଆଯିବ ? ଏକଥାଟି କରିବାକୁ ହେଲେ ଆମକୁ ଅବଶ୍ୟ ହିଂସାର ଆଶ୍ରୟ ନେବାକୁ ପଡିବ । ଏହି ସହିଂସ କାର୍ଯ୍ୟକଳାପ ଦ୍ୱାରା ସମାଜର କୌଣସି ଉପକାର ହେବ ନାହିଁ । ସମାଜକୁ ଅଧିକ ଦୈନ୍ୟ ଭୋଗିବାକୁ ପଡିବ, କାରଣ ସମାଜ ସମ୍ପତ୍ତିକୁ ଠୁଳ କରି ଜାଣିଥିବା ଜଣେ ବ୍ୟକ୍ତିର ଅବଦାନରୁ ଏହାଦ୍ୱାରା ବଞ୍ଚିତ ହୋଇ ରହିବ । ତେଣୁ, ଅହିଂସାର ମାର୍ଗଟି ହିଁ ସ୍ପଷ୍ଟତଃ ଅଧିକ ପ୍ରଶସ୍ତ ବୋଲି ପ୍ରମାଣିତ ହୋଇଯାଉଛି । ଧନୀ ବ୍ୟକ୍ତି ପାଖରେ ତା'ର ସମ୍ପତ୍ତି ଯେଭଳି ଥିଲା, ସେହିଭଳି ରହିବ, ତା'ର ବ୍ୟକ୍ତିଗତ ପ୍ରୟୋଜନ ଗୁଡିକ ପାଇଁ ସେ ଯଥାର୍ଥରେ ଯେତିକି ଆବଶ୍ୟକ କରୁଛି ସିଏ ସେତିକିକୁ ବ୍ୟବହାର କରିବ ଏବଂ ସମାଜର ବ୍ୟବହାର ପାଇଁ ରହିଥିବା ଅବଶିଷ୍ଟ ସମ୍ପତ୍ତି ପାଇଁ ଜଣେ ଟ୍ରଷ୍ଟୀ ହୋଇ ରହିବ । ଏହି କଥାଟି କହିଲାବେଳେ ଟ୍ରଷ୍ଟୀ ଯେ ଅବଶ୍ୟ ସାଧୁତା ଅବଲମ୍ବନ କରିବ, ସେହି କଥାଟିକୁ ଧରି ନିଆଯାଉଛି ।

# ଦୁର୍ଗେ ! ଦୁର୍ଗତି ....

ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

ଶକ୍ତି ପାଇଁ ଅଭିମାନ ବା ଦମ୍ଭକୁ ଆଦିଶକ୍ତି ସହନ ନ କରି ଚେତାଇ ଚେତାଇ ସଂଶୋଧନ କରନ୍ତି । ଅପଶକ୍ତି ଓ ଅସ୍ଥିର ସୃଷ୍ଟି କାରି ଦାମ୍ଭିକ ସୁରଶକ୍ତି କୁନିର୍ଯ୍ୟା ତୀତ କରାଇ ସଂଶୋଧନ ବା ଆତ୍ମ ସର୍ମପଣ ପାଇଁ ପ୍ରତାଡ଼ିତ କରିଥାଆନ୍ତି । ଯେତେ ବେଳେ କୌଣସି ଶକ୍ତ ଧାରୀ ଆପଣାକୁ ସୁଧାରି ମାଆଙ୍କର ଶରଣାପନ୍ନ ହୁଏ ମାଆ ଦୁର୍ଗତି ତାରିଣୀ ଦୁର୍ଗା ରୂପରେ ଅପଶକ୍ତିର ବିନାଶ ଘଟାଇ ସଂଶୋଧିତ ଶକ୍ତିର ଉଦ୍ଧାର କରନ୍ତି । ପୁରାଣରେ ଦେବୀ ଶକ୍ତିଙ୍କର ଉପାଖ୍ୟାନ ଗୁଡ଼ିକରେ ଏହା ଅତ୍ୟନ୍ତ ସ୍ପଷ୍ଟ, ଦାମ୍ଭିକ ସେଚ୍ଛାଚାରୀ ଯଦି ଦେବ ଶକ୍ତି ହୁଏ ତେବେ ସେ ହୁଏ ଅପଶକ୍ତି ବା ଅସୁର ଦ୍ୱାରା ନିର୍ଯ୍ୟାତିତ ଏବଂ ଦେବ ଶକ୍ତି ଯେତେ ବେଳେ ଦମ୍ଭ ତ୍ୟାଗ କରି ମହାଶକ୍ତିର ଶରଣାପନ୍ନ ହୋଇଛନ୍ତି ଦେବୀ ଆସିଛନ୍ତି ଅପଶକ୍ତିର ବିନାଶ କରି ଦେବ ଶକ୍ତିର ଉଦ୍ଧାର ପାଇଁ ଦେବ ଗଣଙ୍କ ପରି ଏହି ନିୟମ ମାନବଗଣରେ ମଧ୍ୟ ପ୍ରଯୁଜ୍ୟ । ଯେତେ ବେଳେ ରାଷ୍ଟ୍ରଶାସନ ଗଣ, ସମାଜ ନିୟନ୍ତା ଗଣ ଆପଣା ଶକ୍ତି ଓ କ୍ଷମତାର ଅପବ୍ୟବହାର କରନ୍ତି ମାଆଙ୍କର ଇଙ୍ଗିତରେ ସୃଷ୍ଟି ହୁଏ ବିପ୍ଳବ, ସଂତ୍ରାସବାଦ, ପ୍ରାକୃତିକ ବିପର୍ଯ୍ୟୟାଦି । ଯଦି ଶାସକ ଗଣ ସେଇ ବେଳେ ନିଜକୁ ସଂଶୋଧନ ନ କରନ୍ତି । ନିଜ ଦମ୍ଭ ତେଜି ମହାଶକ୍ତିଙ୍କର ଶରଣ ନ ନିଅନ୍ତି ସେମାନଙ୍କର ଅନ୍ତ ହୁଏ । କାରଣ ମହାଶକ୍ତି ଅସଂଶୋଧନୀୟ ଅପପ୍ରାକୃତିର ସମୂଳ ବିନାଶ କରନ୍ତି ଠିକ ଅସେଂଶୋଧୀୟ ମହିଷ ଦୁର୍ଗମ, ଚଣ୍ଡ ମୁଣ୍ଡାଦି ରାକ୍ଷସଙ୍କର ବିନାଶ କଲାପରି ଓ ରକ୍ଷା କରନ୍ତି ସଂଶୋଧନଶୀଳ ଦେବ ଶକ୍ତିକୁ ଓ ଦେବତା ମାନେ ଅଲୋକିତ ଶକ୍ତି ପାଇ ଗର୍ବ କଲେ । ଇନ୍ଦ୍ର ବଜ୍ରପାଇ ବାୟୁ ନିଜ ପ୍ରଭଞ୍ଜନ ଶକ୍ତି ପାଇ, ଅଗ୍ନି ନିଜ ବାହିକା ଶକ୍ତି ସୂର୍ଯ୍ୟ ନିଜର ତେଜ ବରୁଣ ନିଜର ପ୍ଳବନ ଶକ୍ତି ଓ ଏହି ପରି ଅନ୍ୟାନ୍ୟ ଦେବତା ଆପଣା ଆପଣା ଶକ୍ତି ପାଇ, ମହା ଶକ୍ତି ହସିଲେ । ଜଣେ ବୃଦ୍ଧ ମାତା ଭାବରେ ଆସି ଦେବଗଣଙ୍କ ସମ୍ମୁଖରେ ଶୁଖିଲା କୁଟାଟିଏ ରଖି ତାକୁ ଉଠାଇବାକୁ ଅଥବା ଧ୍ୱଂସ କରିବାକୁ ଆହ୍ୱାନ କଲେ । ଆଶ୍ଚର୍ଯ୍ୟର କଥା, ଇନ୍ଦ୍ରଙ୍କ ବଜ୍ର, ଅଗ୍ନିଙ୍କ ଶକ୍ତି, ବାୟୁଙ୍କ ପ୍ରଖର ପ୍ରବାହ ବରୁଣଙ୍କ ପ୍ରବଳ ଜଳ ପ୍ରବାହ ଏପରି ଅନ୍ୟାନ୍ୟ ସବୁ ଦେବତାଙ୍କର ଶକ୍ତି ପ୍ରୟୋଗ କରି ସୁଦ୍ଧା କେହି ସେହି ଶୁଷ୍କ ତୃଣକୁ ଟିକିଏ ଟାଳି ପାରିଲେ ନାହିଁ । ସେମାନେ ସିଦ୍ଧା ପାଇଲେ ମହାଶକ୍ତିଙ୍କ କୃପା ବିନା ତାଙ୍କର ନିଃ ମଳ । ସେଇ ଦିନ ଦେବୀଙ୍କ ଶରଣା ପନ୍ନ ହୋଇ ନିରଭି ମାନ ଭାବରେ ସୃଷ୍ଟି କଲ୍ୟାଣ କର୍ମରେ ସପ୍ନ କର୍ତ୍ତବ୍ୟ ପାଳନରେ ଲାଗିଥିଲେ ଦେବୀଙ୍କ କୃପାରୁ ପ୍ରଭୂତ ଐଶ୍ୱର୍ଯ୍ୟ ଲାଭ କଲେ । ଐଶ୍ୱର୍ଯ୍ୟ କ୍ରମେ ତାଙ୍କ ମଧ୍ୟରେ ପୁଣି ମଦ ସୃଷ୍ଟି କଲା । ଶକ୍ତି ମଦରେ ଅପଥରେ ଗଲେ । ସୃଷ୍ଟିକଲ୍ୟାଣ ବ୍ୟାହତ ହେଲା । ବ୍ୟାହତ ଦେବୀ ସୃଷ୍ଟି କଲେ ଅପଶକ୍ତି ରୁପି ଦୁର୍ଦ୍ଧାନ୍ତ ମହିଷାସୁର ଓ ଚଣ୍ଡ ମୁଣ୍ଡାଦି ଦାନବ ଗଣଙ୍କୁସେମାନେ ଦେବଶକ୍ତି ଓ ଦେବାସ୍ତ୍ରକୁ ତୁଚ୍ଛ କରି ସ୍ୱର୍ଗ ମାଡ଼ି ବସିଲେ । ବିଚରା ଦେବଗଣ ନିଜ ଶକ୍ତିର ତୁଚ୍ଛତା ବୁଝି ପାରିଲେ ଓ ପ୍ରାଣ ଭୟରେ ପଳାଇଲେ ମେରୁ ଗିରିକୁ । ଦେବୀ କୃପାରେ ସ୍ୱର୍ଗ ପାଇ ସୁଦ୍ଧା ମହିଷାସୁର ସନ୍ତୁଷ୍ଟ ହେଲା ନାହିଁ । ଅପଶକ୍ତି ଅସଂଶୋଧନୀୟ ହୋଇ ଭୟରେ ଲୁଚି ଥିବା ଦେବ ଗଣଙ୍କୁ ବେଢ଼ିମାରିବାକୁ ଆଗ୍ନେୟାସ୍ତ୍ର ମାନ ପ୍ରହାର କଲା । ଦେବଗଣ ଜୀବନ ବିକଳରେ ମହାଶକ୍ତିଙ୍କୁ ଏ ଦୁର୍ଗତିରୁ ଉଦ୍ଧାର ପାଇଁ ପ୍ରାର୍ଥନା କଲେ । ମହିଷ ଓ ରାକ୍ଷସ ବଳ ଦେବସ୍ତ୍ରୀ ସହିତ ଦେବୀ ସଚୀଙ୍କୁ ବନ୍ଦୀ କରି ବଳାତ୍କାର ପାଇଁ ଉଦ୍ୟମ କରିବାରୁ ହଠାତ ଏକ ନିର୍ଧୁମ ଅଗ୍ନିଶିଖା ମଧ୍ୟରେ ମହାଶକ୍ତିଙ୍କର ଆର୍ବିଭାବ ହେଲା । ଦେବ ଗଣ ନିଜ ନିଜ ଅଭିମାନର ପ୍ରତୀକ ଆପଣାର ଅସ୍ତ୍ର ଶସ୍ତ୍ରାଦି ସମର୍ପଣ ପୂର୍ବକ ଅଧୋମୁଖରେ ମହାଦେବୀଙ୍କର ଶରଣାପନ୍ନ ହେବାରୁ ଦେବୀ ଦଶଭୁଜା ରୂପରେ ଦେବାସ୍ତ୍ରଗୁଡ଼ିକୁ ଉଦ୍ଧାରି ଧରି ସିଂହ ବାହନରେ ବସି ମହିଷାସୁର ସମେତ ସମସ୍ତ ରାକ୍ଷାସଙ୍କୁ ବିନାଶ କରି ଦେବଗଣଙ୍କୁ ଦୁର୍ଗତିରୁ ଉଦ୍ଧାର କରିଥିବରୁ ବ୍ରହ୍ମା, ବିଷ୍ଣୁ, ଶିବ ସମେତ ସମସ୍ତ ଦେବଗଣ ତାଙ୍କୁ ଦୁର୍ଗତି ତାରିଣୀ ଦୁର୍ଗେ, କହି ପୂଜା କଲେ । ତେଣୁ ଅକ୍ଷର ଅନାମ ନିରାକାର ମହାଶକ୍ତିଙ୍କର ପ୍ରଥମ ନାମ 'ଦୁର୍ଗା' ଭାବରେ ଖ୍ୟାତ ହେଲେ, ଚଣ୍ଡି ପୁରାଣରେ ଶାରଳା ଦାସ ଲେଖିଲେ ପ୍ରଥରେ ଦୁର୍ଗା ଦେବୀ, ଦ୍ୱିତୀୟରେ ଉମା, ଅନନ୍ତ ନାମ ତୋହର ଅପାର ମହିମା । ଶକ୍ତିର ଅଭିମାନ ତ୍ୟାଗ କରି ମହାଶକ୍ତିଙ୍କ ଠାରେ ଆତ୍ମ ସମର୍ପଣ କରି ଦେବଗଣ ପୁନଃ ପ୍ରତିଷ୍ଠିତ ହେଲେ କିଛି କାଳ ପରେ ଦେବଗଣଙ୍କ ମାନସରେ ସଂଶୟ ଉପସ୍ଥିତ ହେଲା 'ସଂଶୟାତ୍ମାବିନଶ୍ୟତି' । ସେମାନଙ୍କ ମନରେ ଜାଗି ଉଠିଲା ଯେ ନାରୀ ରୁପରେ ଦେବୀ କିଛି ସ୍ୱତନ୍ତ ଶକ୍ତି ନେଇ ତ ମହିଷାଦି ରାକ୍ଷାସଙ୍କ ବିନାଶ କରି ନାହାନ୍ତି, ଆମ ଠାରୁ ପ୍ରାପ୍ତ ଆୟୁଧ ମାନନେଇ ତ ସେ ସେମାନଙ୍କ ମାରିଛନ୍ତି । ଆମର ସମ୍ମିଳିତ ଶକ୍ତି ମହାଶକ୍ତି । ଦେବ ମାନସର ସଂଶୟ ଜାଣି ମହାଶକ୍ତି ଇଷତ୍ ହାସ୍ୟ କଲେ । ଘୋର ଦୈତ୍ୟର ପୁତ୍ର ଦୁର୍ଗମ ଆସିଲା । ତାର ମାୟା ଦୁର୍ଗରେ ରହି ଦେବଗଣଙ୍କୁ ପ୍ରପୀଡ଼ିତ କଲା । ଦେବଗଣ ସମ୍ମିଳିତ ହୋଇ ଲଢ଼ିଲେ । ମାତ୍ର ସମସ୍ତ ଦେବ ଆୟୁଧକୁ ବ୍ୟର୍ଥକରି ଦୁର୍ଗମ ଦୈତ୍ୟ ସମସ୍ତ ଦେବଗଣଙ୍କୁ ଏକାଧାରେ କଠୋର ଶୃଙ୍ଖଳରେ ବନ୍ଦୀ କରି ନିଜ ଦୁର୍ଗର କାଳ କୋଠରୀରେ ବନ୍ଦ କରି ନିତ୍ୟ ନିର୍ଯ୍ୟାତିତ କରିବାରେ ଲାଗିଲା । ଯନ୍ତ୍ରଣା କାତର ଦେବଗଣ ଏବେ ବୁଝି ପାରିଲେ ଯେ ମହାଶକ୍ତି ହିଁ ମହାଶକ୍ତି । ତାଙ୍କର ଶକ୍ତି ତୁଚ୍ଛରୁ ତୁଚ୍ଛ ତର । ତେଣୁ ବଦଳରେ କାନ୍ଦି କାନ୍ଦି ଦେବକୁଳ ଆକୁଳ ସ୍ୱରରେ ପ୍ରାର୍ଥନା କଲେ ଦୁର୍ଗେଷୁ ନିତ୍ୟ ଭବ ସଙ୍କଟେଷୁ ଦୁରନ୍ତ୍ୟ ଚିନ୍ତ୍ୟ ହିଁ ନିର୍ଗାର୍ଯ୍ୟମାଣା ଶରଣ୍ୟେ ହିନା ଶରଣା ଗତାତ୍ତି ବାରିଣି ହିଁ ପରିପାହି ଦୁର୍ଗେ । ଏହି ଶରଣ ଆଯୋଗ୍ୟ ଶରଣାଗତ ଆର୍ତ୍ତଜନଙ୍କୁ ସଂକଟରୁ ମୁକ୍ତ କର ମାଁ । ଶରଣା ଗତଙ୍କର ସ୍ୱଚ୍ଛ ମାନସ ଓ ଆପଶକ୍ତିର ସୀମାହୀନ ଗତି ସହି ନ ପାରି ମାଆ ପୁନରାୟ ଆର୍ବିର୍ଭୁତ ହେଲେ ଓ ନିଜ ଅଗ୍ନି ନେତ୍ରରେ ଦୁର୍ଗମର ଦୁର୍ଗ ଧ୍ୱଂସ କରି ଦେବଗଣଙ୍କୁ ଉଦ୍ଧାର କରି ଦୁର୍ଗମ ରାକ୍ଷାସକୁ ବିନାଶ କଲେ । ଦୁର୍ଗତି ମୁକ୍ତ ଦେବଗଣ ପୁନଃ ଦୁର୍ଗା ନାମରେ ମହାଶକ୍ତିଙ୍କର ଉପାସନା କଲେ । ତତ୍ର ବଚ ବଧି ଷ୍ୟାମି ଦୁର୍ଗା ମାଖ୍ୟଂ ମହାସୁରମ 'ଦୁର୍ଗା' ଦେବୀତି ବିଖ୍ୟାତଂ ତନ୍ମେ ନାମ ଭବିଷ୍ୟତି । ଚଣ୍ଡୀ ପୁରାଣରେ ମହାକବି ସାରଳାଦାସ ଗାଇଲେ । ଦୁର୍ଗତିରୁ ଯେଣୁ କରି ପାରନ୍ତି ସେଦୁର । ତେଣୁକରି ଦୁର୍ଗାନାମ ଅଟଇ ତାଙ୍କର ଅଶେଷ ନାମରୂପ ନେଇ ଦେବୀ ସକଳ ସଙ୍କଟ କରୁଥିଲେ ମଧ୍ୟ ତାଙ୍କର ପ୍ରଥମ ଖ୍ୟାତନାମ ଦୁର୍ଗା ଏବଂ ସକଳ ସଂକଟ ସକଳ ଦୁର୍ଗତିରୁ ଉଦ୍ଧାର କର୍ମୀ ଦୁର୍ଗାଙ୍କ ବ୍ୟତୀତ କେହି ହୋଇ ପାରନ୍ତି ନାହିଁ । ଏଣୁ ନାନ୍ୟବେ ପନ୍ଥା ବିଦ୍ୟତେ ଅୟ ନାୟ । ତାଙ୍କ ବିନା ଅନ୍ୟ ଭରସା ନାହିଁ । ଭଗବାନ ବିଷ୍ଣୁ, ବ୍ରହ୍ମା, ଶିବ, ଇନ୍ଦ୍ରାଦି ଦେବ ଗଣ ତାଙ୍କୁ ପୁଜା କରନ୍ତି । ଭଗବାନ ରାମଚନ୍ଦ୍ର ତାଙ୍କରି ପୂଜା କରି ହିଁ ରାବଣକୁ ବଧ କରି ସୀତାଙ୍କୁ ଉଦ୍ଧାର କରିପାରି ଥିଲେ । ଭଗବାନ ଶ୍ରୀ କୃଷ୍ଣ ଏହି ଦେବୀଙ୍କ କୃପାରୁ ନାରକା ସୁରକୁ ମାରି ପାରିଥିଲେ । ମାଁ ଙ୍କୁ ସ୍ମରଣ କରି ବସୁଦେବ କୃଷ୍ଣକୁ ନନ୍ଦ ମନ୍ଦିରକୁ ନେଇ ରଖି ପାରିଥିଲେ । ନିତ୍ୟ ପ୍ରତି ମହା ଦେବୀ ଅଶେଷ ନାମ ରୁପରେ ଗ୍ରାମେ ଗ୍ରାମେ ନଗରେ ନଗରେ ପୁଜା ପାଇ ଲୋକଙ୍କର ମନସ୍କାମ ପୁରଣ କରି ଆସୁଛନ୍ତି । ସେହି ପରମ ମାହେଶ୍ୱରୀ ଦୁର୍ଗାମାତା ଏ ଦେଶକୁ ଧନ ଧାନ୍ୟ ବିଦ୍ୟା ବିଜ୍ଞାନ ଆରୋଗ୍ୟରେ ସମୃଦ୍ଧ କରି ତାକୁ ସଂକଟ ମୁକ୍ତ କରି ବିଶ୍ୱର ଏକ ମହାଶକ୍ତି ରୁପେ ଠିଆ କରନ୍ତୁ ଏହାହିଁ ତାଙ୍କ ଶ୍ରୀ ପଦରେ କାମନା । ଜୟ ଦୁଗତି ତାରଣୀ ଦୁର୍ଗେ ।

**ବରପାଲିପଡ଼ା, ବଲାଙ୍ଗୀର**

# ସ୍ୱର୍ବେଦ

**ତୃତୀୟ ଅଧ୍ୟାୟ**

ଅଥର୍ବବେଦ କାଣ୍ଡ - ୧୦, ସୂକ୍ତ - ୭

ସ୍କମ୍ଭ ସ୍ୱରୂପ ସମ୍ପର୍କୀତ ପ୍ରଶ୍ନର ଉତ୍ତର


**ଶ୍ରଦ୍ଧା ରତ ଓ୍ୱତ ତୀନ ଓ୍ୱେ, ଓ୍ୱସ ଓ୍ୱିରାଜ ଏକ ଅଙ୍ଗ ।**
**ଆଶ୍ରିତ ସବ ଅସ୍କମ୍ଭ ମେଁ, ମହିମା ଜାସୁ ଅଭଙ୍ଗ ॥୦୧॥**

ଭାଷ୍ୟ - ଶ୍ରଦ୍ଧା, ମୋକ୍ଷ ଆଉ ବ୍ରତ - ଏ ତିନି ବିରାଜର ଏକ ଅଙ୍ଗରେ ନିବାସ କରନ୍ତି । ଏ ସମସ୍ତ ସ୍କମ୍ଭର ଆଧାରରେ ସ୍ଥିତ ଅଛନ୍ତି । ସେହି ପୂର୍ଣ୍ଣ ସ୍କମ୍ଭର ମହିମା ଅନନ୍ତ ଅଟେ ।

**ସତ୍ୟ ତପ ଅଧର ଓ୍ୱିରାଜତା, ଏକ ଅଙ୍ଗ ଅସ୍କମ୍ଭ ।**
**ଭେଦ ରହସ୍ୟ ଓ୍ୱିଓ୍ୱେକ ମେଁ, ଉତ୍ତର ଗତିଗମ ରମ୍ଭ ॥୦୨॥**

ଭାଷ୍ୟ - ସ୍କମ୍ଭର ଏକ ଅଙ୍ଗ ଅଧରରେ ସତ୍ୟ ଓ ତପ ବିରାଜମାନ । ଉର୍ଦ୍ଧ୍ୱ ରମ୍ଭ ମାର୍ଗରେ ଗମନ କରି ଅନୁଭବ ଭେଦ ରହସ୍ୟ ଦ୍ୱାରା ଏହାର ବିବେକ ହୋଇଥାଏ ।

**ଅଧର ଅଙ୍ଗ ଅସ୍କମ୍ଭ କେ, ଓ୍ୱାୟୁ ବହତ ଅଧାର ।**
**ନୀଚ ଅଙ୍ଗ ସେ ଅଗିନ ହୈ, ପ୍ରକଟତ ଜ୍ୟୋତି ଅପାର ॥୦୩॥**




ଭାଷ୍ୟ - ସ୍କମ୍ଭର ଅଧର ଅଙ୍ଗରେ ତାହାର ଆଶ୍ରୟରେ ବାୟୁ ପ୍ରବାହିତ ହୁଏ ଏବଂ ତାହାର ନିମ୍ନଭାଗରେ ଅପାର ଜ୍ୟୋତି ଦୀପ୍ତିମାନ ହୋଇ ଅଗ୍ନି ପ୍ରକାଶିତ ହୁଏ ।

**ମହାନ ରୂପ ଅସ୍କମ୍ଭ କେ, ପ୍ରକଟେ ଗୁରୁଗମ ପାୟ ।**
**ରମ୍ଭ ନୀଚଲେ ଅଙ୍ଗ ସେ ତବ ଶଶି ପ୍ରକଟେ ଆୟ ॥୦୪॥**

ଭାଷ୍ୟ - ସ୍କମ୍ଭର ମହାନ୍ ସ୍ୱରୂପ ଗୁରୁଙ୍କର ଭେଦ ଦ୍ୱାରା ପ୍ରକଟ ହୋଇ ପ୍ରାପ୍ତ ହୁଏ । ସର୍ବାଶ୍ରୟ ସ୍କମ୍ଭଙ୍କର ସ୍ୱରୂପକୁ ପ୍ରକଟ କରି ଚନ୍ଦ୍ରମା ରମ୍ଭର ନିମ୍ନଭାଗରେ ପ୍ରକଟିତ ହୁଏ ।

**ପଗ ମେଁ ଭୂମି ଓ୍ୱିରାଜତୀ, ଅନ୍ତରୀକ୍ଷ ମଧ୍ୟ ଭାଗ ।**
**ଦ୍ୟୌ ଶିର ମାହିଁ ଓ୍ୱିରାଜତୀ, ଉତ୍ତର ମଣ୍ଡଳ ରାଗ ॥୦୫॥**

ଭାଷ୍ୟ - ପାଦରେ ଭୂମି ବିରାଜମାନ, ମଧ୍ୟ ଭାଗରେ ଅନ୍ତରୀକ୍ଷ ଆଉ ମସ୍ତକରେ ଆକାଶ ଆଉ ଭୂମି ବିରାଜମାନ । ଆକାଶର ଉର୍ଦ୍ଧ୍ୱରେ ଉପର ଭାଗ ଉତ୍ତର ଶବ୍ଦ ମହାମଣ୍ଡଳରେ ସ୍ଥିତ ରହିଛି । ସ୍କମ୍ଭର ସର୍ବୋତ୍କୃଷ୍ଟ ଭାଗ ଶବ୍ଦ ଚେତନ ମହାମଣ୍ଡଳ ବିଦ୍ୟମାନ ।

**ସୂର୍ଯ୍ୟ ସ୍ଥିର ଅସ୍କମ୍ଭ ମେଁ, ସ୍କମ୍ଭ ମିଲନ କୀ ଚାହ ।**
**ଗମନ ପ୍ରକାଶିତ ହୋ ରହା, ଅନ୍ତ ମିଲେ ଓ୍ୱହ ମାହ ॥୦୬॥**

ଭାଷ୍ୟ - ସୂର୍ଯ୍ୟ ସ୍କମ୍ଭର ଆଧାରରେ ସ୍ଥିତ ହୋଇଛି । ସେ ସ୍କମ୍ଭ ସହିତ ମିଳିତ ହେବାର ଇଚ୍ଛାରେ ଗମନ କରି ପ୍ରକାଶିତ ହେଉଅଛି ଏବଂ ପରିଶେଷରେ ସେହି ସ୍କମ୍ଭ ସହିତ ମିଳିତ ହୋଇ ସ୍ଥିର ଏବଂ ଶାନ୍ତ ହୋଇଯାଏ । ସମଗ୍ର ଜଗତର ନିୟନ୍ତା ସ୍କମ୍ଭ ଅଟନ୍ତି । ତାଙ୍କରି ପ୍ରେରଣା ଆଉ ଆଧାରରେ ସମସ୍ତ ପଦାର୍ଥ କ୍ରିୟାଶୀଳ ହୋଇ ପ୍ରକାଶମାନ ହୋଇଥାନ୍ତି ଏବଂ ଶେଷରେ ତାଙ୍କରି ଦ୍ୱାରା ନିଜର ମୂଳ କାରଣରେ ଶାନ୍ତ ହୋଇଯାନ୍ତି । ଉତ୍ପତ୍ତି, ପାଳନ ଓ ଲୟ - ଏ ତିନିର କର୍ତ୍ତା ପରମ ପୁରୁଷ ସ୍କମ୍ଭ ଅଟନ୍ତି ।

**ଓ୍ୱାୟୁ ନିରନ୍ତର ଓ୍ୱହ ରହା, ପହୁଁଚନ ଇଚ୍ଛା ତାହି ।**
**ମିଲନ ଓ୍ୱାୟୁ ମେଁ ଗତି ନହୀଁ, ପର ଅସ୍କମ୍ଭ ସମାହିଁ ॥୦୭॥**

ଭାଷ୍ୟ - ବାୟୁ ଅନ୍ୟ ପଦାର୍ଥରେ ମିଳିତ ହେବାର ଇଚ୍ଛାରେ ଗତିମାନ ହୁଏ ନାହିଁ, ସେ କେବଳ ସର୍ବୋତ୍କୃଷ୍ଟ ସର୍ବାଧାର ସ୍କମ୍ଭଙ୍କ ନିକଟକୁ ପହଞ୍ଚିବାର ଇଚ୍ଛାରେ ସର୍ବଦା ପ୍ରବାହିତ ହୋଇ ଗତିଶୀଳ ହେଉଅଛି ।

**ଯହ ସମସ୍ତ ମାରଗ ଚଲେଁ, ଶ୍ରୁତି ପ୍ରତିପାଦ୍ୟ ଅନେକ ।**
**ଇଚ୍ଛା ପହୁଁଚନ ତାହି କୀ, ଗତି ଅସ୍କମ୍ଭ ହୈଁ ଏକ ॥୦୮॥**

ଭାଷ୍ୟ - ଶ୍ରୁତି ପ୍ରତିପାଦିତ ସମସ୍ତ ମାର୍ଗ ଏକ ସ୍କମ୍ଭ ପର୍ଯ୍ୟନ୍ତ ପହଞ୍ଚିବାର ଇଚ୍ଛାରେ ଚଳମାନ ହେଉଛନ୍ତି ।

# କୁମାରୀ ପୂଜନ

ଭାରତୀୟ ସଂସ୍କୃତିରେ ନାରୀ ହିଁ ନାରାୟଣୀ । ଅର୍ଥାତ୍ ସେ ଗୃହର ସର୍ବମୟୀ କର୍ତ୍ତୀ । ପାର୍ବତୀ ରୂପେ ସେ ଦଶମ୍ବଦା ପତ୍ନୀ, ଲକ୍ଷ୍ମୀ ରୂପେ ଗୃହିଣୀ ଓ ସରସ୍ୱତୀ ରୂପେ ପରିବାରର ଆଦ୍ୟ ଶିକ୍ଷୟିତ୍ରୀ । ଅନ୍ନପୂର୍ଣ୍ଣା ରୂପେ ସେ ପରିବାର ଏବଂ ଅତିଥିମାନଙ୍କର କ୍ଷୁଧାତୃଷା ନିବାରଣରେ ମୁଖ୍ୟ ଭୂମିକା ତୁଲାଏ । ଆବଶ୍ୟକ ସ୍ଥଳେ କାଳୀ ରୂପ ଧାରଣକରି ସେ ଦଣ୍ଡ ପ୍ରଦାନ କରିଥାଏ । ଏଣୁ ଭାରତୀୟ ପରମ୍ପରାରେ ସକଳ ଦେବୀଙ୍କ ପ୍ରତିଭୂ ଭାବେ ନାରୀ ଆରାଧନାକୁ ଅଗ୍ରାଧିକାର ଦିଆଯାଇଛି । ପୂଜାପର୍ବାଣି ଓ ଧର୍ମୀୟ ପରମ୍ପରାରେ ମଧ ଏହାକୁ ସଂଯୁକ୍ତ କରାଯାଇଛି । ଏହି କ୍ରମରେ ନବରାତ୍ରି ଓ ଦଶହରା ସମୟରେ ଓଡ଼ିଶା ସମେତ ଦେଶର ବିଭିନ୍ନ ପ୍ରାନ୍ତରେ କୁମାରୀ କନ୍ୟାମାନଙ୍କୁ ପୂଜା କରାଯାଇଥାଏ । ଏହା ସମାଜରେ ନାରୀର ମାହାତ୍ମ୍ୟ ସୂଚାଇବା ସହ ସେମାନଙ୍କୁ ନିଜର ଭୂମିକା ଓ ଗୁରୁତ୍ୱ ସଂପର୍କରେ ଅବଗତ କରାଇଥାଏ ।

ଶାରଦୀୟ ନବରାତ୍ରିରେ ନଅଦିନ ମୁଖ୍ୟତଃ ଉପବାସ ପାଳନକରି ଦେବୀଙ୍କ ଆରାଧନା କରାଯାଏ । ନବରାତ୍ରି ବେଳେ ସପ୍ତମୀ ତିଥିରୁ କନ୍ୟାପୂଜନ ଆରମ୍ଭ ହୁଏ । ଅଷ୍ଟମୀ ଓ ନବମୀ ତିଥିରେ କନ୍ୟାମାନଙ୍କୁ ଦେବୀଙ୍କ ପ୍ରତିନିଧି ସ୍ୱରୂପ ପୂଜାର୍ଚ୍ଚନା କରାଯାଏ । ଦେଶର କେତେକ ପ୍ରାନ୍ତରେ ଛୋଟ ଛୋଟ ଝିଅଙ୍କୁ ଘରକୁ ଆମନ୍ତ୍ରଣକରି ଭୋଜନ ଦିଆଯାଇ ତୃପ୍ତ କରିବା ପରମ୍ପରା ବି ରହିଛି । କେତେକ ହୁଏତ ଭାବୁଥିବେ, କନ୍ୟା ବା ଝିଅମାନଙ୍କୁ ପୂଜା କରାଯିବାର ତାତ୍ପର୍ଯ୍ୟ କ'ଣ ?

କୁମାରୀ କନ୍ୟା ମା' ଦୁର୍ଗାଙ୍କ ପରି ପବିତ୍ର ଓ ପୂଜନୀୟା ବୋଲି ଶାସ୍ତ୍ରରେ ଅଭିହିତ କରାଯାଇଛି । ରଜସ୍ୱଳା ହୋଇ ନଥିବା ଝିଅଙ୍କୁ ଦୁର୍ଗାଙ୍କ ସ୍ୱରୂପ ବୋଲି ବିବେଚନା କରି ପୂଜାକରିବା ସହ ଭୋଜନାର୍ପଣ କରାଯାଏ । ଶାସ୍ତ୍ର କହେ, ହୋମ, ଜପ ଓ ଦାନ ଦ୍ୱାରା ମା' ଯେତିକି ସନ୍ତୁଷ୍ଟ ହୋଇ ନଥାନ୍ତି । କନ୍ୟାଙ୍କୁ ପୂଜା କଲେ ତା'ଠାରୁ ଅଧିକ ସନ୍ତୁଷ୍ଟ ହୋଇଥା'ନ୍ତି । ବିଧିସମ୍ମତ ଓ ଶ୍ରଦ୍ଧାପୂର୍ବକ କୁମାରୀପୂଜନ ହୃଦୟରୁ ଭୟ ଦୂରକରେ ବୋଲି ଲୋକବିଶ୍ୱାସ ରହିଛି ।

କନ୍ୟାପୂଜନ ପାଇଁ ୨ରୁ ୧୦ ବର୍ଷୀୟା କନ୍ୟାଙ୍କୁ ହିଁ ଚୟନ କରାଯାଏ । ୯ଜଣ କନ୍ୟାଙ୍କୁ ଘରକୁ ଆମନ୍ତ୍ରଣକରି ସସମ୍ମାନ ସ୍ୱତନ୍ତ୍ର ଆସନ ଦିଆଯାଏ । ପାଦଧୋଇ ବସାଇବା ପରେ ମଥାରେ ସିନ୍ଦୂରଦେଇ ନାଲିରଙ୍ଗର ଓଢ଼ଣି ପକାଯାଏ । ଦେବୀଙ୍କୁ ସ୍ମରଣକରି ବା ମା' ଦୁର୍ଗାଙ୍କ ମନ୍ତ୍ର ଜପି ପୂଜାର୍ଚ୍ଚନା ଓ ପ୍ରସାଦ ଅର୍ପଣ କରାଯାଏ । ଏହାପରେ ନବକନ୍ୟାଙ୍କୁ ଭୋଜନ ପରଷାଯାଏ । ଶେଷରେ ଦାନଦକ୍ଷିଣା ସହ ସେମାନଙ୍କ ପାଦଛୁଇଁ ଆଶୀର୍ବାଦ ନିଆଯାଏ । କେତେକ ଅଞ୍ଚଳରେ କନ୍ୟାପୂଜନ ବେଳେ ଜଣେ ବାଳକକୁ ବାବା ଭୈରବଙ୍କ ସ୍ୱରୂପ ଭାବେ ପୂଜା କରାଯିବାର ବିଧି ଅଛି ।

ପୁରାଣରେ କନ୍ୟା ପୂଜନ: ପୌରାଣିକ ଆଖ୍ୟାନ ଅନୁସାରେ, ଇନ୍ଦ୍ର ବ୍ରହ୍ମାଙ୍କୁ ମା' ଭଗବତୀଙ୍କୁ ପ୍ରସନ୍ନ କରିବାର ଉପାୟ ପଚାରିଲାରୁ ବ୍ରହ୍ମା କୁମାରୀ ପୂଜା ସର୍ବୋତ୍ତମ ଉପାୟ ବୋଲି ତାଙ୍କୁ କହିଥିଲେ । ସେହି ବିଧି ଅନୁସାରେ ନଅଜଣ କୁମାରୀଙ୍କୁ ଘରକୁ ଡାକି ତାଙ୍କ ପାଦଧୋଇ, କୁଙ୍କୁମ ଲଗାଇ ପୂଜା କରାଯାଏ । ଏହାପରେ ତାଙ୍କୁ ବସ୍ତ୍ର, ଗହଣା, ଫଳ ଓ ଅନ୍ନ ଆଦି ଦିଆଯାଏ ଓ ପ୍ରତିପଦରୁ ଆରମ୍ଭକରି ନବମୀ ପର୍ଯ୍ୟନ୍ତ ପ୍ରଥମ ଦିନ ଜଣେ, ଦ୍ୱିତୀୟ ଦିନ ଦୁଇଜଣ, ତୃତୀୟ ଦିନ ତିନିଜଣ, ଏହିଭଳି ନବମୀ ଦିନ ନଅଜଣ କୁମାରୀଙ୍କୁ ପୂଜାକରି ଭୋଜନ ଦେଲେ ମନମୁତାବକ ଫଳ ମିଳେ ବୋଲି ବିଶ୍ୱାସ ରହିଛି । ଅଷ୍ଟମୀ ଦିନ ମହାଗୌରୀଙ୍କର ଉପାସନା କରାଯାଏ । କନ୍ୟାପୂଜନ ଦ୍ୱାରା ସମ୍ମାନ, ଲକ୍ଷ୍ମୀ, ବିଦ୍ୟା ଓ ତେଜ ପ୍ରାପ୍ତି ହୋଇଥାଏ । ଭୟ, ବାଧା ଓ ଶତ୍ରୁ ବିନାଶ ମଧ ହୋଇଥାଏ ।

**ଦେଶରେ କେଉଁଠି:** ଭାରତର ଅଧିକାଂଶ ପ୍ରାନ୍ତରେ କୁମାରୀ ପୂଜନ ପ୍ରଚଳିତ ଥିଲେ ହେଁ ଦିଲ୍ଲୀ, ପଞ୍ଜାବ, ହରିୟାଣା, ଉତ୍ତରପ୍ରଦେଶ, ବିହାର ଓ ପଶ୍ଚିମବଙ୍ଗ ସମେତ ଉତ୍ତର ଓ ପୂର୍ବ ଭାରତରେ ନବରାତ୍ର ସମୟରେ ସ୍ଥାନୀୟ ପରମ୍ପରା ମୁତାବକ ଆଡ଼ମ୍ବର ସହକାରେ କନ୍ୟାପୂଜନ କରାଯାଏ । ସଂସ୍କୃତି ଗବେଷକଙ୍କ ମତାନୁସାରେ, ଓଡ଼ିଶା ଓ ଉତ୍ତରାଖଣ୍ଡ ଭଳି ରାଜ୍ୟର ଏହା ମୌଳିକ ପରମ୍ପରା ହୋଇ ନ ଥିଲେ ବି କାଳକ୍ରମେ ଗ୍ରହଣୀୟ ହୋଇଛି ।

ପଶ୍ଚିମ ଭାରତରେ, ବିଶେଷକରି ଗୁଜରାଟରେ ଧୁମ୍‌ଧାମରେ ନବରାତ୍ରି ପାଳନ କରାଯାଏ । ସେଠାରେ ଝିଅବୋହୂମାନେ ଡାଣ୍ଡିଆ ଓ ଗର୍‌ବା ନୃତ୍ୟ କରିବା ପରମ୍ପରା ରହିଛି । ପୁଣି ବିଶ୍ୱାସ ପ୍ରଚଳିତ ଅଛି ଯେ ଏହି ନୃତ୍ୟକଲେ ଝିଅମାନଙ୍କର ଗର୍ଭାଶୟ ଶକ୍ତ ହୋଇଥାଏ ଏବଂ ସେମାନେ ସନ୍ତାନ ପ୍ରସବ ଶକ୍ତି ହାସଲ କରି ପାରନ୍ତି ।

ନଅ ଦିନରେ ଦେବୀଙ୍କ ନଅରୂପ: ନବରାତ୍ରିରେ ଦେବୀଙ୍କୁ ନଅ ଦିନରେ ନବମାତୃକା ଭାବେ ଆରାଧନା କରାଯାଇଥାଏ । ପ୍ରଥମ ଦିନ ଶୈଳପୁତ୍ରୀ, ଦ୍ୱିତୀୟ ଦିନ ବ୍ରହ୍ମଚାରିଣୀ, ତୃତୀୟ ଦିନ ଚନ୍ଦ୍ରଘଣ୍ଟା, ଚତୁର୍ଥ ଦିନ କୁଷ୍ମାଣ୍ଡା, ପଞ୍ଚମ ଦିନ ସ୍କନ୍ଦମାତା, ଷଷ୍ଠ ଦିନ କାତ୍ୟାୟନୀ, ସପ୍ତମ ଦିନ କାଳରାତ୍ରି, ଅଷ୍ଟମ ଦିନ ମହାଗୌରୀ, ନବମ ଦିନ ସିଦ୍ଧିଦାତ୍ରୀ । କନ୍ୟା ପୂଜନ ଓ ଫଳପ୍ରାପ୍ତି: କେଉଁ ବୟସର କନ୍ୟାଙ୍କୁ ପୂଜାକଲେ କି ପ୍ରକାର ଫଳ ପ୍ରାପ୍ତିହୁଏ, ସେ ନେଇ ନିମ୍ନୋକ୍ତ ବିଚାର ଲୋକମୁଖରେ ବହୁଳ ଭାବେ ପ୍ରଚାରିତ । ଲୋକ ବିଶ୍ୱାସ ଆଧାରିତ । ୨ ବର୍ଷୀୟା କନ୍ୟାଙ୍କୁ ପୂଜା କଲେ ମା' ଦୁର୍ଗା ଦୁଃଖ ଓ ଦାରିଦ୍ର୍ୟ ଦୂର କରିଥାନ୍ତି । ୩ ବର୍ଷୀୟା କନ୍ୟା ହେଉଛନ୍ତି ତ୍ରିମୂର୍ତ୍ତିଙ୍କ ରୂପ । ତାଙ୍କୁ ପୂଜା କଲେ ଧନପ୍ରାପ୍ତି ହେବା ସହିତ ପରିବାରରେ ସୁଖଶାନ୍ତି ବଜାୟ ରହିଥାଏ । ୪ ବର୍ଷୀୟା କନ୍ୟାଙ୍କୁ କୁହାଯାଏ କଲ୍ୟାଣୀ । ସେମାନଙ୍କ ପୂଜା ଦ୍ୱାରା ପରିବାରର କଲ୍ୟାଣ ହୋଇଥାଏ । ୫ ବର୍ଷୀୟା କନ୍ୟା ହେଉଛନ୍ତି ରୋହିଣୀ । ସେମାନଙ୍କୁ ପୂଜାକଲେ ବ୍ୟକ୍ତି ରୋଗମୁକ୍ତ ହୋଇଥା'ଛି । ୬ ବର୍ଷୀୟା କନ୍ୟା କାଳୀଙ୍କର ରୂପ । ତାଙ୍କ ପୂଜାରୁ ବିଜୟ, ବିଦ୍ୟା ଓ ରାଜଯୋଗ ପ୍ରାପ୍ତିହୁଏ । ୭ ବର୍ଷୀୟା କନ୍ୟାଙ୍କୁ ଚଣ୍ଡୀଙ୍କ ସହ ତୁଳନା କରାଯାଇଥାଏ । ଏମାନଙ୍କ ପୂଜା ଦ୍ୱାରୀ ଐଶ୍ୱର୍ଯ୍ୟ ପ୍ରାପ୍ତି ହୋଇଥାଏ । ୮ ବର୍ଷୀୟା କନ୍ୟାଙ୍କୁ କୁହାଯାଏ ଶାମ୍ଭବୀ । ସେମାନଙ୍କ ପୂଜା କରିବା ଦ୍ୱାରା

ବାଦବିବାଦରେ ବିଜୟ ଲାଭ ହୋଇଥାଏ । ୯ ବର୍ଷୀୟା କନ୍ୟା ଦୁର୍ଗାଙ୍କ ଅବତାର । ସେମାନଙ୍କ ପୂଜା ଦ୍ୱାରା ବୈଭବ ପ୍ରାପ୍ତିହୁଏ । ୧୦ ବର୍ଷୀୟା କନ୍ୟାଙ୍କୁ ସୁଭଦ୍ରାଙ୍କ ରୂପ ବୋଲି ବିବେଚନା କରାଯାଏ । ସେମାନଙ୍କୁ ପୂଜାକଲେ ସୌଭାଗ୍ୟ ପ୍ରାପ୍ତି ହୋଇଥାଏ ।

# ଚର୍ବି ପରିମାଣ କମାଏ ଟମାଟୋ

ଟମାଟୋରେ ଅନେକ ଉପକାରୀ ଗୁଣ ରହିଛି । ଆପଣ ଚର୍ବିଜନିତ ସମସ୍ୟା ସହ ଜଡ଼ିତ କି ? ଯଦି ହଁ, ତେବେ ନିଜ ଦୈନନ୍ଦିନ ଖାଦ୍ୟ ତାଲିକାରେ ଟମାଟୋ ସାମିଲ କରନ୍ତୁ । ଏହା ଶରୀରରେ ଚର୍ବି ପରିମାଣ କମାଇବାରେ କେତେକାଂଶରେ ସାହାଯ୍ୟ କରିଥାଏ ବୋଲି ସିଓଲ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି । ଏଭଳି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ସେମାନେ ଚର୍ବିଜନିତ ସମସ୍ୟା ଥିବା କେତେକ ବ୍ୟକ୍ତିଙ୍କୁ ଏହାର ପରିସରଭୁକ୍ତ କରିଥିଲେ । ସେମାନଙ୍କୁ ନିୟମିତ ଖାଦ୍ୟ ସହ ଟମାଟୋରେ ପ୍ରସ୍ତୁତ ଖାଦ୍ୟ ଖାଇବାକୁ ଦିଆଯାଇଥିଲା । କିଛି ମାସ ପରେ ସେମାନଙ୍କର ଚର୍ବି କେତେକାଂଶରେ କମିଥିବାର ଜଣାପଡ଼ିଥିଲା । କେବଳ ସେତିକି ନୁହେଁ, ନିୟମିତ ଟମାଟୋ ଖାଇଲେ ଏହା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ । ଏହା ଦୃଷ୍ଟି ଶକ୍ତି ପାଇଁ ମଧ ଉପକାରୀ ସାବ୍ୟସ୍ତ



ହୋଇଥାଏ । ଟମାଟୋ ଖାଇଲେ ତାହା କ୍ୟାନ୍ସର ଆଶଙ୍କାକୁ କେତୋକଂଶରେ ଦୂରେଇ ରଖେ ବୋଲି ଉକ୍ତ ରିପୋର୍ଟରୁ ଜଣାପଡ଼ିଛି । ଟମାଟୋ ଖାଇଲେ ତାହା ପାଚନ କ୍ରିୟାକୁ ମଧ ଦୃଢ଼ କରିଥାଏ ।

## ଟିକିଏ ହସନ୍ତୁ

ଶାଶୁ ବୋହୂ ମଧରେ କଥାବାର୍ତ୍ତା

ଶାଶୁ : ଆରେ ବୋହୂ ତୋତେ ହଜାରେ ଟଙ୍କା ଦେଇଥିଲି ତୁ ମୋତେ ଦେ । ମୋର କିଛି ଜିନିଷ କିଣିବାର ଅଛି ।

ବୋହୂ : ମମି, ମୁଁ ତ କବାଡିଆବାଲାକୁ ଟଙ୍କା ଦେଇ ଦେଇଛି ।

ଶାଶୁ : ସମସ୍ତେ କବାଡିଆବାଲାଠୁ ଟଙ୍କା ନେଉଥିବା ବେଳେ ତୁ କାହିଁକି ଟଙ୍କା ଦେଲୁ ?

ବୋହୂ : କବାଡିଆବାଲା କହିଲା – ମୋର ସକାଳୁ ବଉନି ହୋଇନି । କିଛି କବାଡି ଦେଇଦିଅ । ମୁଁ କହିଲି ଆମ ଘରେ ତ କିଛି କବାଡି ନାହିଁ । ତୁମେ ଗୋଟେ କାମ କର ମୋ ବାପଘରକୁ ପଳାଅ ସେଠି ତୁମକୁ ବହୁତ ଜିନିଷ ମିଳିଯିବ ।



ଶାଶୁ : ହେଲେ ଟଙ୍କା କାହିଁକି ଦେଲୁ ?

ବୋହୂ : ମମି, ଆମ ଘର ତ ଏଠାରୁ ବହୁତ ଦୂର ସେଥିପାଇଁ ତାକୁ ଗାଡି ଖର୍ଚ୍ଚ ପାଇଁ ଟଙ୍କା ଦେଇଛି ।

× × × ×

ଜଣେ ବ୍ୟକ୍ତି ମେଡିସିନ୍ ଦୋକାନକୁ ଯାଇ କହିଲା– ଭାଇ ଡିଜାଇନ୍ ଦେଲ ।

ଦୋକାନୀ : କେଉଁ ଡିଜାଇନ୍ ଦେବି ।

ବ୍ୟକ୍ତି : ଆରେ ଭାଇ ଯେଉଁଟା ଖାଇଲେ ପେଟ ଭଲ ହୋଇଯାଏ ସେଇଟା ଦିଅ ।

ଦୋକାନୀ : ଓହଃ, ମୁଁ ବୁଝିଗଲି ଡାଇଜିନ୍ । ହଉ ନିଅ ।

× × × ×

ସ୍ତ୍ରୀ ସ୍ୱାମୀଙ୍କୁ : ମୁଁ ଯଦି ହଜିଯାଏ ତୁମେ କ'ଣ କରିବ ?

ସ୍ୱାମୀ : ଖବରକାଗଜରେ ବିଜ୍ଞାପନ ଦେବି ।

ସ୍ତ୍ରୀ : ମତେ ତମେ ଏତେ ଭଲ ପାଅ ? ତେବେ ବିଜ୍ଞାପନରେ ମୋ ବାବଦରେ କ'ଣ ଲେଖିବ ?

ସ୍ୱାମୀ : 'ଯିଏ ପାଇବ, ସିଏ ତା'ର ।

× × × ×

ଜଣେ ମହିଳାଙ୍କୁ ବସ୍‌ରେ ବହୁତ ସମୟ ଧରି ଠିଆ ହୋଇଥିବା ଦେଖି ଏକ ଛୋଟ ପିଲା ନିଜ ସ୍ଥାନରୁ ଉଠିପଡ଼ି କହିଲା – ଆଣ୍ଟି, ଆପଣ ମୋ ଜାଗାରେ ବସି ଯାଆନ୍ତୁ । ଗୋଡ କାଟିବଣି ।

ମହିଳା ଜଣକ କିନ୍ତୁ ରାଗିଯାଇ : ଚୁପ୍ କିନା ବସିବୁ ନା ଗାଲକୁ ଦି' ଚଟ୍‌କଣା ଦେବି ?

ପିଲାଟି ମନ ଦୁଃଖକରି ପୁଣିଥରେ ନିଜସ୍ଥାନ 'ନିଜ ବାପାଙ୍କ କୋଳ'ରେ ବସିପଡିଲା ।

× × × ×

ମା' କୁନି ପୁଅକୁ ପୁରୁଣା ଆଲବମ୍ ଦେଖାଉଥାନ୍ତି ।

କୁନି ପୁଅଟି ଜଣଙ୍କ ଫଟୋ ଦେଖି : ମା' ଇଏ କିଏ ?

ମା' : ଇଏ ପରା ତୋ ବାପା ।

ପୁଅ : ଇଏ ଯଦି ମୋ ବାପା, ତେବେ ଆମେ ଏବେ ଏଇ ଚନ୍ଦା ମୁଣ୍ଡିଆ ଲୋକ ସହ କାହିଁକି ରହୁଛେ ?

ମା' : ଏଇ ଚନ୍ଦାମୁଣ୍ଡିଆ ହିଁ ଫଟୋର ସେଇ ଲୋକ ।

# ହିନ୍ଦୀ ଆମର ସଂସ୍କୃତି ଓ ଏକତାର ଆଧାର: ଏମ୍‌ସିଏଲ୍ ସି.ଏମ୍.ଡି








ବୁର୍ଲା : ହିନ୍ଦୀ କେବଳ ସମ୍ବାଦର ମାଧମ ନୁହେଁ ବରଂ ସଂଗଠନର କାର୍ଯ୍ୟକୁଶଳତା ଏବଂ ଆତ୍ମୀୟତାର ଭାଷା ଅଟେ । ଏହା ଆମର ସଂସ୍କୃତି ଓ ଏକତାର ଆଧାର ବୋଲି ଏମ୍‌ସିଏଲ୍‌ର ସି.ଏମ୍.ଡି ଉଦୟ ଅନନ୍ତ କାଓଲେ କହିଛନ୍ତି ।

ଏମ୍‌ସିଏଲ୍‌ରେ ଚାଲିଥିବା ରାଜଭାଷା ପକ୍ଷ ଉଦ୍‌ଯାପନୀ ଉତ୍ସବରେ ଅଧକ୍ଷତାକରି ଶ୍ରୀ କାଓଲେ ଏହା କହିଛନ୍ତି । ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ସେ ଅଭିନନ୍ଦନ ଜଣାଇଥିଲେ । ଉତ୍ସବରେ କମ୍ପାନୀର କାର୍ମିକ ନିର୍ଦ୍ଦେଶକ କେଶବ ରାଓ, ମୁଖ୍ୟ ସତର୍କତା ଅଧିକାରୀ ପ୍ରଣବ କୁମାର ପଟେଲ, ବୈଷୟିକ ନିର୍ଦ୍ଦେଶକ ଯୁଗଳ କୁମାର ବୋରା, ବିତ୍ତ ନିର୍ଦ୍ଦେଶକ ଅଜିତ କୁମାର ବେହୁରା ଏବଂ ଅନ୍ୟତମ ବୈଷୟିକ ନିର୍ଦ୍ଦେଶକ ସଞ୍ଜୟ କୁମାର ଝା ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ରାଜଭାଷା ମହାପ୍ରବନ୍ଧକ



ସମ୍ବିତ ପଟ୍ଟନାୟକ ମଧ ଏଥିରେ ଉଦ୍‌ବୋଧନ ଦେଇଥିଲେ । ଉତ୍ସବରେ ପ୍ରବନ୍ଧ, ଡିବେଟ୍ ଏବଂ କୁଇଜ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ସେହିପରି ଏହି ଅବସରରେ ଆୟୋଜିତ ଅଖିଳ ଭାରତୀୟ ହାସ୍ୟକବି ସମ୍ମିଳନୀରେ ପଦ୍ମଶ୍ରୀ ଅଶୋକ ଚକ୍ରଧର, କବୟତ୍ରୀ ଗୌରୀ ମିଶ୍ର, ଗୋବିନ୍ଦ ରାଠି, ହେମନ୍ତ ପାଣ୍ଡେ ଓ ଉପେନ୍ଦ୍ର ପାଣ୍ଡେ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

# ସମ୍ବଲପୁରରେ ବିଶ୍ୱପ୍ରସିଦ୍ଧ ଶ୍ରୀରାମଲୀଳା ମହୋତ୍ସବ ଉଦ୍‌ଘାଟିତ







ସମ୍ବଲପୁର : ଶ୍ରୀରାମ ବିଜୟା ଦଶମୀ ମହୋତ୍ସବ ଆୟୋଜନ ସମିତି ପକ୍ଷରୁ ସ୍ଥାନୀୟ ଅଇଁଠାପାଲି ସ୍ଥିତ ବୀର ବିର୍ସା ମୁଣ୍ଡା ମୈଦାନ୍‌ରେ ଶ୍ରୀରାମଲୀଳା ମହୋତ୍ସବର ଶୁଭାରମ୍ଭ ହୋଇଯାଇଛି । ନୂଆଁଦିଲ୍ଲୀର ବିଶ୍ୱପ୍ରସିଦ୍ଧ ଲବକୁଶ ଶ୍ରୀରାମଲୀଳା ମଣ୍ଡଳୀ ଆସନ୍ତା ବିଜୟା ଦଶମୀ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ 'ରାମଲୀଳା' ପରିବେଷଣ କରିବେ ।

ଶ୍ରୀରାମ ବିଜୟା ଦଶମୀ ମହୋତ୍ସବ ଆୟୋଜନ ସମିତିର ବରିଷ୍ଠ ଉପଦେଷ୍ଟା କାର୍ତ୍ତିକ ପ୍ରସାଦ ବହିଦାରଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଓଡ଼ିଶା ପ୍ରାନ୍ତର ପୂର୍ବତନ ପ୍ରାନ୍ତ ସଂଘଚାଳକ ତଥା ଅଖିଳ ଭାରତୀୟ ପ୍ରତିନିଧି ସଭାର ସଦସ୍ୟ, ବିଶିଷ୍ଟ ଶିକ୍ଷାବିତ୍ ବିପିନ ବିହାରୀ ନନ୍ଦ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଏହି ମହୋତ୍ସବର ଉଦ୍‌ଘାଟନ କରିଥିଲେ । ସମିତିର ସଭାପତି ଗିରିଶ ପଟେଲ ମୁଖ୍ୟଅତିଥି ଶ୍ରୀଯୁକ୍ତ ନନ୍ଦଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ ।

ସମିତିର ମୁଖ୍ୟ ସଂଯୋଜକ ସରୋଜ କୁମାର ଘଡ଼ାଇ, ବରିଷ୍ଠ ଉପଦେଷ୍ଟା ସତ୍ୟ ନାରାୟଣ ବାବୁଲି ପଣ୍ଡା, ବରିଷ୍ଠ ଉପଦେଷ୍ଟା ଓ ସମ୍ବଲପୁର ଜିଲ୍ଲା ଓକିଲ ସଂଘର ସଭାପତି ପ୍ରଦୀପ କୁମାର ବହିଦାର, ପ୍ରକୃତିବନ୍ଧୁ ମେଘୁ ମୁଣ୍ଡା ଓ ପ୍ରସନ୍ନ କୁମାର ପଣ୍ଡା ପ୍ରମୁଖ ମଞ୍ଚରେ ଉପସ୍ଥିତ ରହି ଅଗ୍ରପୂଜ୍ୟ ଶ୍ରୀ ଗଣପତି, ମାଁ ସମଲେଶ୍ୱରୀ ଏବଂ ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ଶ୍ରୀରାମଚନ୍ଦ୍ରଙ୍କର ପୂଜାର୍ଚ୍ଚନା ସହ ଆରତି କରିଥିଲେ । ଖୁସିରାମ ମେଲୋଡିର କଳାକାର ବୃନ୍ଦ ସମଲେଇ ଭଜନ ଓ ଶ୍ରୀରାମ ଭଜନ ପରିବେଷଣ କରିଥିଲେ ।

# ବିଜେପି ସରକାର ଗରିବ ଲୋକଙ୍କୁ ... (ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)







କିନ୍ତୁ ଓଡ଼ିଶାବାସୀ ସେହିଦିନ, ଦୁଇଗୁଣା ଅର୍ଥାତ ଦେଢ଼ କୋଟି ଗଛ ଲଗାଇ ଓଡ଼ିଶାବାସୀ ତାଙ୍କ ପ୍ରତିଥିବା ଶ୍ରଦ୍ଧା ଓ ସମ୍ମାନ କରନ୍ତି ବୋଲି ପ୍ରମାଣ ଦେଇଥିଲେ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବର୍ତ୍ତମାନ ଓଡିଶାର ଲୋକମାନେ 'ଜିଏସଟି ବଚତ୍ ଉତ୍ସବ'ରେ ସକ୍ରିୟ ଭାବରେ ଅଂଶଗ୍ରହଣ କରୁଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଏହି ଐତିହାସିକ ପଦକ୍ଷେପ ପାଇଁ, ୩ ଦିନ ପୂର୍ବରୁ ସମାପ୍ତ ହୋଇଥିବା ଓଡିଶା ବିଧାନସଭାର ବର୍ଷାକାଳୀନ ଅଧିବେଶନରେ ଧନ୍ୟବାଦ ପ୍ରସ୍ତାବ ପାରିତ କରାଯାଇଛି । ଆଜି ଗରିବରୁ ଆରମ୍ଭ କରି, ଧନୀ ପର୍ଯ୍ୟନ୍ତ, ପ୍ରତ୍ୟେକ ଲୋକ କିଛି ନା କିଛି ସଞ୍ଚୟ କରୁଛନ୍ତି ।

ସେହିପରି ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଦିଆ-ଯାଇଥିବା ମନ୍ତ୍ର – 'ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ଔର୍ ସବ୍‌କା ପ୍ରୟାସ' ନୀତିକୁ ଆଧାର କରି, ରାଜ୍ୟ ସରକାର କୃଷକ, ଗରିବ, ମହିଳା ଏବଂ ଯୁବବର୍ଗଙ୍କର କଲ୍ୟାଣ ଏବଂ ସଶକ୍ତିକରଣ ପାଇଁ କାମ କରୁଛି । ଚଳିତ ବର୍ଷ ଜାନୁଆରୀ ମାସରେ, ଉତ୍କର୍ଷ ଓଡିଶା - ମେକ୍ ଇନ୍ ଓଡ଼ିଶା ଉଦ୍ୟୋଗପତିମାନଙ୍କୁ ଓଡିଶାରେ ନିବେଶ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ସାଢ଼େ ୭ ମାସ ମଧରେ, ୨ ଲକ୍ଷ କୋଟି ଟଙ୍କାରୁ ଅଧିକ ନିବେଶ ସହିତ, ଓଡିଶାରେ ୮୪ଟି ଶିଳ୍ପ ପ୍ରକଳ୍ପ ପାଇଁ ଶିଳାନ୍ୟାସ ହୋଇଛି । ଏହା ଦ୍ୱାରା ୧ ଲକ୍ଷ ୬୪ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ସ୍ୱାଗତ ଭାଷଣରେ କହିଥିଲେ ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ୬୦,୦୦୦ କୋଟି ଟଙ୍କାରୁ ଅଧିକ ଦୂରସଞ୍ଚାର, ରେଳବାଇ, ଉଚ୍ଚଶିକ୍ଷା, ସ୍ୱାସ୍ଥ୍ୟସେବା, ଦକ୍ଷତା ବିକାଶ, ଗ୍ରାମୀଣ ଗୃହ ନିର୍ମାଣ କ୍ଷେତ୍ର ସମେତ ଅନ୍ୟାନ୍ୟ କ୍ଷେତ୍ର ସହ ଜଡ଼ିତ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦ୍‌ଘାଟନ କରିଥିଲେ । ଦୂରସଞ୍ଚାର ସଂଯୋଗ କ୍ଷେତ୍ରରେ, ପ୍ରଧାନମନ୍ତ୍ରୀ ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟା ସହିତ ପ୍ରାୟ ୩୭,୦୦୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ୯୭,୫୦୦ରୁ ଅଧିକ ମୋବାଇଲ୍ ୪ଜି ଟାୱାରକୁ ଲୋକାର୍ପଣ କରିଥିଲେ । ଏଥିରେ ବିଏସଏନଏଲ ଦ୍ୱାରା ୯୨,୬୦୦ରୁ ଅଧିକ ୪ଜି ଟେକ୍ନୋଲୋଜି ସାଇଟ୍ ଅନ୍ତର୍ଭୁକ୍ତ । ଡିଜିଟାଲ୍ ଭାରତ ନିଜ ଅଧିନରେ ୧୮,୨୦୦ରୁ ଅଧିକ ୪ଜି ସାଇଟ୍ ପାଇଁ ପାଣ୍ଠି ଯୋଗାଇ ଦିଆଯାଇଛି ଯାହା ଦୂରଦୂରାନ୍ତ, ସୀମାନ୍ତ ଏବଂ ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଅଞ୍ଚଳର ପ୍ରାୟ ୨୬,୭୦୦ ଅପହଞ୍ଚ ଗ୍ରାମକୁ ସଂଯୋଗ କରିବ । ଏଥି ସହିତ ୨୦ ଲକ୍ଷରୁ ଅଧିକ ନୂତନ ଗ୍ରାହକଙ୍କୁ ସେବା ଯୋଗାଇବ । ଏହି ଟାୱାରଗୁଡ଼ିକ ସୌରଶକ୍ତି ଦ୍ୱାରା ପରିଚାଳିତ, ଫଳରେ ଏଗୁଡ଼ିକ ଭାରତର ସର୍ବବୃହତ ସବୁଜ ଦୂରସଞ୍ଚାର ସାଇଟ୍ କ୍ଲଷ୍ଟର କରିବ ଏବଂ ସ୍ଥାୟୀ ଭିତ୍ତିଭୂମିକୁ ସୁଦୃଢ଼ କରିବ । ପ୍ରଧାନମନ୍ତ୍ରୀ ଏହି ଅବସରରେ ସମ୍ବଲପୁର-ସରଲାରେ ରେଳ ଫ୍ଲାଏଓଭର ପାଇଁ ଶିଳାନ୍ୟାସ, କୋରାପୁଟ-ବୈଗୁଡ଼ା ଲାଇନର ଦୋହରୀକରଣ ଏବଂ ମାନବାର-କୋରାପୁଟ-ଗୋରାପୁର ଲାଇନକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଲୋକର୍ପଣ କରିଥିଲେ । ଏହି ପ୍ରକଳ୍ପଗୁଡ଼ିକ ଓଡ଼ିଶା ଏବଂ ପଡ଼ୋଶୀ ରାଜ୍ୟଗୁଡ଼ିକରେ ମାଲ ପରିବହନ ଏବଂ ଯାତ୍ରୀ ପରିବହନରେ ଉଲ୍ଲେଖନୀୟ ଉନ୍ନତି ଆଣିବା ସହିତ ସ୍ଥାନୀୟ ଶିଳ୍ପ ଏବଂ ବାଣିଜ୍ୟକୁ ସୁଦୃଢ଼ କରିବ । ସେହିପରି ପ୍ରଧାନମନ୍ତ୍ରୀ ବ୍ରହ୍ମପୁର ଏବଂ ଉଧନା (ସୁରଟ) ମଧରେ ଅମୃତ ଭାରତ ଏକ୍ସପ୍ରେସକୁ ମଧ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ।

ପ୍ରଧାନମନ୍ତ୍ରୀ ପ୍ରାୟ ୧୧,୦୦୦ କୋଟି ଟଙ୍କା ନିବେଶରେ ଆଠଟି ଆଇଆଇଟି - ତିରୁପତି, ପଲକଡ଼, ଭିଲାଇ, ଜମ୍ମୁ, ଧାରୱାଡ, ଯୋଧପୁର, ପାଟନା ଏବଂ ଇନ୍ଦୋରର ସମ୍ପ୍ରସାରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହି ସମ୍ପ୍ରସାରଣ ଆଗାମୀ ଚାରି ବର୍ଷ ମଧରେ ୧୦,୦୦୦ ନୂତନ ଛାତ୍ରଛାତ୍ରୀଙ୍କ ପାଇଁ କ୍ଷମତା ସୃଷ୍ଟି କରିବ ଏବଂ ଆଠଟି ଅତ୍ୟାଧୁନିକ ଗବେଷଣା ପାର୍କ ପ୍ରତିଷ୍ଠା କରିବ, ଯାହା ଦ୍ୱାରା ଭାରତର ନବସୃଜନ ଇକୋସିଷ୍ଟମ ସୁଦୃଢ଼ ହେବ ଏବଂ ଗବେଷଣା ଓ ବିକାଶକୁ ବଡ଼ ପ୍ରୋତ୍ସାହନ ମିଳିବ ।

ପ୍ରଧାନମନ୍ତ୍ରୀ ଦେଶବ୍ୟାପୀ ୨୭୫ଟି ରାଜ୍ୟ ଇଞ୍ଜିନିୟରିଂ ଏବଂ ପଲିଟେକ୍ନିକ୍ ପ୍ରତିଷ୍ଠାନରେ ଗୁଣବତ୍ତା, ସମାନତା, ଗବେଷଣା ଏବଂ ନବସୃଜନକୁ ଉନ୍ନତ କରିବା ପାଇଁ ଡିଜାଇନ୍ କରାଯାଇଥିବା ମେରିଟ୍ ଯୋଜନାର ଶୁଭାରମ୍ଭ କରିଥିଲେ । ପ୍ରଧାନମନ୍ତ୍ରୀ ଓଡ଼ିଶା ଦକ୍ଷତା ବିକାଶ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ ମଧ ଆରମ୍ଭ କରିଥିଲେ ଯାହା ସମ୍ବଲପୁର ଏବଂ ବ୍ରହ୍ମପୁରରେ ବିଶ୍ୱ ଦକ୍ଷତା କେନ୍ଦ୍ର ପ୍ରତିଷ୍ଠା କରିବ । ଏଥିରେ କୃଷି-ପ୍ରଯୁକ୍ତି, ଅକ୍ଷୟ ଶକ୍ତି, ସାମୁଦ୍ରିକ କ୍ଷେତ୍ର ଏବଂ ଆତିଥେୟ ଭଳି ପ୍ରଗତିଶୀଳ କ୍ଷେତ୍ରଗୁଡ଼ିକୁ ସାମିଲ ହେବ । ଏହା ବ୍ୟତୀତ, ପାଞ୍ଚଟି ଆଇଟି-ଆଇକୁ ଉତ୍କର୍ଷ ଆଇଟିଆଇରେ ଉନ୍ନୀତ କରାଯିବ, ୨୫ଟି ଆଇଟିଆଇକୁ ଉତ୍କର୍ଷ କେନ୍ଦ୍ର ଭାବରେ ବିକଶିତ କରାଯିବ ଏବଂ ବୈଷୟିକ ତାଲିମ ପ୍ରଦାନ ଲାଗି ଏକ ନୂତନ ପ୍ରିସିସନ୍ ଇଞ୍ଜିନିୟରିଂ ଭବନ ପ୍ରତିଷ୍ଠା କରାଯିବ ।

ରାଜ୍ୟରେ ଡିଜିଟାଲ ଶିକ୍ଷାକୁ ବୃଦ୍ଧି କରିବା ପାଇଁ, ପ୍ରଧାନମନ୍ତ୍ରୀ ୧୩୦ଟି ଉଚ୍ଚଶିକ୍ଷା ପ୍ରତିଷ୍ଠାନରେ ୱାଇ-ଫାଇ ସୁବିଧାର ଲୋକାର୍ପଣ କରିଥିଲେ । ଯାହା ଅଢ଼େଇ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଉପକୃତ କରିବା ପାଇଁ ମାଗଣା ଦୈନିକ ଡାଟା ପ୍ରଦାନ କରିବ । ପ୍ରଧାନମନ୍ତ୍ରୀ ବ୍ରହ୍ମପୁରର ଏମକେସିଜି ମେଡିକାଲ କଲେଜ ଏବଂ ବୁର୍ଲାର ଭିମସାରକୁ ବିଶ୍ୱସ୍ତରୀୟ ସୁପର-ସ୍ପେଶାଲିଟି ହସ୍ପିଟାଲରେ ଉନ୍ନୀତ କରିବା ପାଇଁ ମଧ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଉନ୍ନତ ସୁବିଧାଗୁଡ଼ିକରେ ବର୍ଦ୍ଧିତ ଶଯ୍ୟା କ୍ଷମତା, ଟ୍ରମା କେୟାର ୟୁନିଟ୍, ଡେଣ୍ଟାଲ୍ କଲେଜ, ମାତୃ ଏବଂ ଶିଶୁ ଯତ୍ନ ସେବା ଏବଂ ବିସ୍ତାରିତ ଶୈକ୍ଷିକ ଭିତ୍ତିଭୂମି ଅନ୍ତର୍ଭୁକ୍ତ ହେବ, ଯାହା ଓଡ଼ିଶାର ଲୋକଙ୍କ ପାଇଁ ବ୍ୟାପକ ସ୍ୱାସ୍ଥ୍ୟ ସେବା ସୁନିଶ୍ଚିତ କରିବ । ଏହା ସହିତ, ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଅନ୍ତ୍ୟୋଦୟ ଗୃହ ଯୋଜନା ଅଧୀନରେ ୫୦,୦୦୦ ହିତାଧିକାରୀଙ୍କୁ ମଞ୍ଜୁରୀ ଆଦେଶ ବଣ୍ଟନ କରିଥିଲେ ।

ଏହି ସମାବେଶରେ ଅନ୍ୟାନ୍ୟମାନଙ୍କ ମଧରେ ରାଜ୍ୟପାଳ ହରିବାବୁ କମ୍ଭମପାଟି, ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଓ ପ୍ରଭାତୀ ପରିଡା, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ, ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, କେନ୍ଦ୍ରାପଡ଼ା ଏମ୍.ପି ବୈଜୟନ୍ତ ପଣ୍ଡା ଓ ବରଗଡ଼ ଏମ୍.ପି ପ୍ରଦୀପ ପୁରୋହିତ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 9437348018
e-mail: hemantamahapatra@yahoo.com Editor : Hemanta Kumar Mahapatra

## ଅଶ୍ୱତ୍ଥ ପତ୍ରର ଉପକାରିତା




**ହି**ନ୍ଦୁ ଧର୍ମରେ ଅଶ୍ୱତ୍ଥ ପତ୍ରର ବହୁ ଗୁରୁତ୍ୱ ରହିଛି । କୁହାଯାଏ ଅଶ୍ୱତ୍ଥ ଗଛରେ ଦେବତାମାନେ ବାସ କରନ୍ତି । ଏଇଥି ପାଇଁ ଲୋକମାନେ ଅଶ୍ୱତ୍ଥ ଗଛକୁ ପୂଜା କରନ୍ତି । ଏହା ବାଦ୍ ଅଶ୍ୱତ୍ଥ ଗଛ ମଧ ଆମକୁ ସବୁଠୁ ଅଧିକ ଅକ୍ସିଜେନ ପ୍ରଦାନ କରିଥାଏ । ହେଲେ ଅଶ୍ୱତ୍ଥ ପତ୍ରରେ ରହିଥିବା ଔଷଧିୟ ଗୁଣ ବିଷୟରେ ଆସନ୍ତୁ ଜାଣିବା ।

ଏହା ଲିଭର ରୋଗୀଙ୍କ ପାଇଁ ବହୁତ ଭଲ । ଯେଉଁ ଲୋକମାନଙ୍କର ଲିଭର ସମ୍ବନ୍ଧିତ ରୋଗ ରହିଛି ସେମାନେ ୩-୪ ଟି ତାଜା ଅଶ୍ୱତ୍ଥ ପତ୍ରକୁ ନେଇ ଶୁଖାଇ ସେଥିରେ ଚିନି କିମ୍ବା ମିଶ୍ରି ମିଶାଇ ପାଉଡର ପ୍ରସ୍ତୁତ କରନ୍ତୁ । ଏହି ପାଉଡରକୁ ୨୫୦ ମିଲିଗ୍ରାମ ପାଣିରେ ମିଶାଇ ୫ ଦିନ ଯାକ ପିଅନ୍ତୁ, ନିଶ୍ଚିତ ଲାଭ ମିଳିବ । ଏହା ହଳଦିଆ କାମଳ ରୋଗୀଙ୍କ ପାଇଁ ବହୁତ ଭଲ । ଅଶ୍ୱତ୍ଥ ପତ୍ର ରକ୍ତ ସଫା କରିବାରେ ସହାୟକ ହୋଇଥାଏ । ଏଥିପାଇଁ ୧-୨ ଗ୍ରାମ ଅଶ୍ୱତ୍ଥ ପତ୍ର ପାଉଡରକୁ ମହୁରେ ମିଶାଇ ପ୍ରତିଦିନ ଦୁଇଥର ଖାଆନ୍ତୁ । ଏହା ରକ୍ତ ସଫା କରିବ । ଯଦି ଆପଣଙ୍କ ଦାନ୍ତ ବିନ୍ଧୁଛି ଅଶ୍ୱତ୍ଥ ଗଛର ଛାଲିକୁ ପାଣିରେ ସିଝାଇ ସେହି ପାଣିରେ କୁଲିକଲେ ଦାନ୍ତ ବିନ୍ଧା କମ୍ ହୋଇଯାଏ । ପ୍ରତିଦିନ ୫-୧୦ ଟି ଅଶ୍ୱତ୍ଥ ଫଳକୁ ଖାଇଲେ କବ୍‌ଜ ରୋଗରୁ ମୁକ୍ତି ମିଳିଥାଏ । ଯଦି ପେଟ କାଟୁଛି ଆପଣ ୨-୫ ଟି ପତ୍ରକୁ ନେଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏଥିରେ ୫୦ ଗ୍ରାମ ଗୁଡ ମିଶାଇ ଏହି ମିଶ୍ରଣରେ ଛୋଟ ଛୋଟ ଗୁଳି ପ୍ରସ୍ତୁତ କରି ଦିନରେ ୩-୪ ଥର ଖାଆନ୍ତୁ । ଏହା ପେଟ କାଟିବା କମାଇଦେବ । ରେଗୁଲାର ୪-୫ ଟି କଅଁଳିଆ ଅଶ୍ୱତ୍ଥ ପତକୁ ଚୋବାଇବା ଦ୍ୱାରା ସ୍କିନ୍ ସମ୍ବନ୍ଧିତ ସମସ୍ୟା ଦୂର ହୋଇଥାଏ ତଥା ଆହୁରି କିଛି ରୋଗ ପାଇଁ ମଧ ଏହା ଭଲ ।

## ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ କଞ୍ଚା କଦଳୀ

**କ**ଞ୍ଚା କଦଳୀରେ ପୋଟାସିୟମ ଭରପୁର ମାତ୍ରା ରହିଛି । ଯାହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ସାହାଯ୍ୟ କରିଥାଏ । ଦିନ ତମାମ ଶରୀରକୁ ଫୁର୍ତ୍ତି ରଖିଥାଏ । ଏଥିରେ ଥିବା ଭିଟାମିନ୍ ବି-୬ ଓ ଭିଟାମିନ୍ -ସି ଶରୀରର କୋଷିକାଗୁଡିକୁ ପୋଷଣ ଯୋଗାଇଥାନ୍ତି । କଞ୍ଚା କଦଳୀରେ ଆଣ୍ଟି ଅକ୍ସିଡାଣ୍ଟ ରହିଛି । କେବଳ ସେତିକି ନୁହେଁ, ଏଥିରେ ଫାଇବର ଓ ହେଲଦୀ ଷ୍ଟାର୍ଚ ରହିଥିବାରୁ ଏହା ପେଟରେ କୌଣସି ଅପରିଷ୍କାର ଜିନିଷ ଜମିବାକୁ ଦେଇ ନ ଥାଏ । ମଧୁମେହ



ରୋଗରେ ପୀଡିତ ବ୍ୟକ୍ତିଙ୍କୁ କଞ୍ଚା କଦଳୀ ଖାଇବା ଉଚିତ । ଏହା ଦ୍ୱାରା ମଧୁମେହକୁ ନିୟନ୍ତ୍ରିତ କରି ହୁଏ । ପ୍ରତିଦିନ କଞ୍ଚା କଦଳୀ ଖାଇବା ଦ୍ୱାରା ପାଚନ କ୍ରିୟା ସହଜ ହୋଇଥାଏ । କଞ୍ଚା କଦଳୀରେ କ୍ୟାଲସିୟମ୍ ବି ଅଛି । ଏହା ହାଡ଼କୁ ମଜଭୁତ ରଖିବାରେ ସହାୟକ ହୋଇଥାଏ ।

## ଉଚ୍ଚ ରକ୍ତଚାପର ଘରୋଇ ଉପଚାର

**ଜୀ**ବନଶୈଳୀ ଓ ଖାଦ୍ୟପେୟର ପରିବର୍ତ୍ତନ ହିଁ ଚିନ୍ତାକୁ ବଢ଼ାଇ ଦେଉଛି । ଦେଖା ଯାଉଛି କର୍ମ ଉପରେ ଅଧିକ ଗୁରୁତ୍ୱ ସ୍ୱାସ୍ଥ୍ୟ ପ୍ରତି ଶୂନ, ଯେଉଁଥି ପାଇଁ ଲେକେ ଉଚ୍ଚ ରକ୍ତଚାପ ରୋଗରେ ବେଶୀ ପୀଡିତ ହେଉଛନ୍ତି ।



ଅବ୍ୟବସ୍ଥିତ ଜୀବନଶୈଳୀ ଭୟାନକ ରୋଗର କାରଣ ସାଜୁଛି । ଏହି ରୋଗ ମଧରେ ଉଚ୍ଚ ରକ୍ତଚାପ, ସୁଗାର ଓ ହୃଦରୋଗ ମୁଖ୍ୟ ସମସ୍ୟା । ଉଚ୍ଚ ରକ୍ତଚାପ ଏବେ ବଡ଼ ଘାତକ । ଏମିତିରେ ଦେଖିବାକୁ ଗଲେ ପ୍ରତି ୫ ଜଣଙ୍କ ମଧରେ ପ୍ରାୟ ୨ ଜଣ ଉଚ୍ଚ ରକ୍ତଚାପରେ ପୀଡିତ ବୋଲି ଏକ ଅନୁଧାନରୁ ଜଣାପଡିଛି । ଘରୋଇ ଚିକିତ୍ସାରେ ଉଚ୍ଚ ରକ୍ତଚାପର ଉପଚାର କରି ପାରିବେ ।

କାରଣ : ମସଲାଯୁକ୍ତ ଖାଦ୍ୟ, ମଦ, ସିଗାରେଟ୍, ଅଧିକ ଲୁଣ ସେବନ, ଜଙ୍କଫୁଡ, ବ୍ୟାୟାମ ନ କରିବା, ମୋଟାପା, କିଡନୀ ବା ଡାଇବେଟିସ ଏହାର ମୁଖ୍ୟ କାରଣ ହୋଇଥାଏ ।

ଲକ୍ଷଣ : ଶରୀର ଯନ୍ତ୍ରଣା, ମାନସିକ ଚାପ, ଶ୍ୱାସ ନେବାରେ କଷ୍ଟ ଅନୁଭବ, ଅଚାନକ ଘାବରାଇବା, ବୁଝିବା ଓ କହିବାରେ କଷ୍ଟ ଅନୁଭବ, ତ୍ୱଚା, ବାହୁ ଓ ପାଦରେ ଶୁଷ୍କତା, ଉଦାସଭାବ ଓ ଧୂଆଁଳିଆ ଦେଖାଯିବା ।

ଡାଲଚିନି ପାଉଡ଼ର : ଅଧା ଚାମଚ ଡାଲଚିନି ପାଉଡର ପ୍ରତିଦିନ ସକାଳୁ ପାଣିରେ ସେବନ କରନ୍ତୁ । ଏହା ହାଇବ୍ଲଡ ପ୍ରେସର ଦୂର କରେ ।


ମେଥି ଦାନା : ରାତିରେ ଶୋଇବା ସମୟରେ ମେଥିକୁ ଭିଜାଇ ଦିଅନ୍ତୁ । ସକାଳୁ ଉଠି ଖାଲି ପେଟରେ ଏହିପାଣି ପିଅନ୍ତୁ, ଉଚ୍ଚ ରକ୍ତଚାପ ଦୂର ହୋଇଯିବ ।

## ଆପଣ ଜାଣନ୍ତି କି ?

- ୟୁକ୍ଲିଡ୍‌ଙ୍କୁ ଜ୍ୟାମିତିର ପିତା କୁହାଯାଏ ।
- ଗଣିତ ବିଦ୍ୟାଳୟରେ କମ୍ପ୍ୟୁଟରକୁ ବି ପଛରେ ପକାଇ ଦେଇଥିବା ଭାରତୀୟ ମହିଳା ହେଉଛନ୍ତି ଶକୁନ୍ତଳା ଦେବୀ ।
- ଜୁଡ୍ ଫେଲିକ୍ସ ହେଉଛନ୍ତି ଭାରତୀୟ ହକିର ପ୍ରସିଦ୍ଧ ଖେଳାଳି ।
- ଅର୍ଥନୀତି କ୍ଷେତ୍ରରେ ପ୍ରଫେସର ଅମର୍ତ୍ତ୍ୟ ସେନ ପ୍ରସିଦ୍ଧି ଲାଭ କରିଛନ୍ତି ।
- ଚଳଚ୍ଚିତ୍ର ନିର୍ଦ୍ଦେଶନାରେ ସତ୍ୟଜିତ୍ ରାୟ ଅନ୍ତର୍ଜାତିକ କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଛନ୍ତି ।
- କୁଷ୍ଠ ନିବାରଣ ପାଇଁ କୋରିଆର ଡକ୍ଟର ଜୁନ୍ ଲିଉ ଅନ୍ତର୍ଜାତୀୟ ଗାନ୍ଧି ପୁରସ୍କାର ଲାଭ କରିଛନ୍ତି ।
- ପଦ୍ମଭୂଷଣ ଚିତ୍ରକର ଜାମିନି ରାୟ ୧୮୮୭ ମସିହା ଏପ୍ରିଲ ୧୧ ରେ ଜନ୍ମ ଗ୍ରହଣ କରିଥିଲେ ।



- ପଣ୍ଡିତ ବିରଜୁ ମହାରାଜ ଶାସ୍ତ୍ରୀୟ ନୃତ୍ୟରେ ଆନ୍ତର୍ଜାତିକ ସ୍ତରରେ ପ୍ରସିଦ୍ଧି ଅର୍ଜନ କରିଥିଲେ ।
- ଇଟାଲୀର ସାନ ବିଆଜିଓ ଡି କାଲାଟାରେ ଜନ୍ମ ଗ୍ରହଣ କରିଥିବା ପିଏରେ କାରଡିନ୍ ଫ୍ୟାସନ ଡିଜାଇନ୍ କ୍ଷେତ୍ରରେ ପ୍ରସିଦ୍ଧ ଅର୍ଜନ କରିଛନ୍ତି ।



- ରବୀନ୍ଦ୍ରନାଥ ଟାଗୋର ସାହିତ୍ୟରେ ୧୯୧୩ ମସିହାରେ ନୋବେଲ ପୁରସ୍କାର ପାଇଥିଲେ ।

## ମୂଳା ପତ୍ରର ଔଷଧୀୟ ଗୁଣ

**ଶୀ**ତ ଦିନିଆ ପରିବା ଭାବେ ଜଣାଯାଉଥିବା ମୂଳା ଆଜିକାଲି ପ୍ରତ୍ୟେକ ଋତୁରେ ବଜାରରେ ଉପଲବ୍ଧ ହେଉଛି । ନିୟମିତ ଭାବେ ମୂଳା ଖାଇବା ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପକାରୀ ବୋଲି ବିଶେଷଜ୍ଞଙ୍କ ମତ । ତେବେ କେବଳ ମୂଳା ନୁହେଁ, ଏହାର ପତ୍ରରେ ମଧ ଔଷଧୀୟ ଗୁଣ ଭରପୁର ରହିଛି । ମୂଳା ପତ୍ରରେ ଭିଟାମିନ୍ ବି, ସି, କେ, ଇ ଭରପୁର ଥିବାବେଳେ ପୋଟାସିୟମ ଓ ଲାଇପୋକିନ୍ ମଧ ରହିଛି ।

ମୂଳା ପତ୍ରକୁ ସିଝାଇ ସୁପ ପରି ସେବନ କଲେ କେଶ ଓ ତ୍ୱଚାରେ ବିଶେଷ ଚମକ ଆସିଥାଏ ।

ବିଭିନ୍ନ ଅନୁସନ୍ଧାନରୁ ଜଣାପଡିଛି ଯେ ମୂଳାପତ୍ରରେ କର୍କଟ ପ୍ରତିରୋଧକ ଗୁଣ ଭରପୂର ଅଛି । ଏଣୁ ମୂଳା ସହ ମୂଳା ପତ୍ର ସିଝା ପାଣି ପିଇବା ଉତ୍ତମ । ଓଜନ କମ କରିବାକୁ ଚାହୁଁଥିବା ଲୋକେ ସାଲାଡ଼ରେ ମୂଳାପତ୍ରକୁ ବ୍ୟବହାର କରିବା ଆବଶ୍ୟକ । ୧ ମାସ ଏହାକୁ ଖାଇବା ପରେ ଓଜନ ୩-୪ କିଲୋ କମ୍ ହୋଇଥାଏ ବୋଲି ବିଶେଷଜ୍ଞଙ୍କ ମତ । ଫାଇବର ଭରପୁର ଥିବା ମୂଳା ପତ୍ରକୁ ବିଭିନ୍ନ ବ୍ୟଞ୍ଜନରେ ଉପଯୋଗ କଲେ ତାହା ହଜମ କ୍ରିୟା ଉତ୍ତମ କରେ ।

## ପୁସ୍ତକ ସମୀକ୍ଷା

ପୁସ୍ତକର ନାମ

**ଶୁଭଂ ଭବତୁ ଶୁଭାନି ଭବନ୍ତୁ**


**ରମାକାନ୍ତ ଭାଇନା**

**ଲେଖକ: ପଦ୍ମଶ୍ରୀ ବିଦ୍ୟାବାଚସ୍ପତି**

**ଡକ୍ଟର ଶ୍ରୀନିବାସ ଉଦ୍‌ଗାତା**

ପ୍ରକାଶକ: ପଥିକ ପ୍ରକାଶନୀ, ଭୁବନେଶ୍ୱର

ପୃଷ୍ଠା: ୮୦, ମୂଲ୍ୟ - ୯୦ ଟଙ୍କା




ପୁସ୍ତକଟି ଲେଖକ ଡକ୍ଟର ଶ୍ରୀନିବାସ ଉଦ୍‌ଗାତାଙ୍କ ସହ ଡକ୍ଟର ରମାକାନ୍ତ ରଥଙ୍କ ବ୍ୟକ୍ତିଗତ ସଂପର୍କ ଉପରେ ଆଧାରିତ । ଛାତ୍ରାବସ୍ଥାରୁ ଜୀବନର ଶେଷ ପର୍ଯ୍ୟନ୍ତ ଉଭୟଙ୍କ ମଧରେ ରହିଥିବା ଘନିଷ୍ଠ ସଂପର୍କର ଅନେକ ଉଦାହରଣ ଏଥିରେ ସନ୍ନିବେଶିତ । ଡକ୍ଟର ଉଦ୍‌ଗାତାଙ୍କ ଠାରୁ ଡକ୍ଟର ରଥ ମାତ୍ର ଉଣେଇଶ ଦିନର ବଡ ହେଇଥିବାରୁ ସେ ତାଙ୍କୁ ଭାଇନା ବୋଲି ସମ୍ବୋଧନ କରୁଥିଲେ । ଡକ୍ଟରଙ୍କ ସାହିତ୍ୟ ସାଧନାରେ ଲେଖକ ଶ୍ରୀ ଉଦ୍‌ଗାତା ବିମୋହିତ ହେବା ସହିତ ତାଙ୍କର ବିୟୋଗରେ ମ୍ରିୟମାଣ ହୋଇ ପୁସ୍ତକକୁ ପ୍ରକାଶ କରିଛନ୍ତି । ୯୧ ବର୍ଷ ବୟସ୍କ ଶ୍ରୀଯୁକ୍ତ ଉଦ୍‌ଗାତା ପରିଣତ ବୟସରେ ଉପନୀତ ହୋଇ ଆଖିରେ ଦେଖିବାର ସମସ୍ୟା ରହିଥିଲେ ହେଁ ଜବକାଚ ସାହାଯ୍ୟରେ ଲେଖିଥିବା ତାଙ୍କର ୩୩୫ ତମ ପୁସ୍ତକରୁ ପାଠକମାନେ ଡକ୍ଟର ରଥଙ୍କ ବାବଦରେ ରହିଥିବା ବହୁ ଅଜଣା କଥା ଜାଣିପାରିବେ । ପୂର୍ବରୁ ପ୍ରକାଶିତ ଡକ୍ଟର ଉଦ୍‌ଗାତାଙ୍କ ପୁସ୍ତକ ଗୁଡିକ ଯେପରି ପାଠକ ମହଲରେ ଆଦୃତ ହୋଇଥିଲା ଏହି ପୁସ୍ତକ ମଧ ସେପରି ଆଦୃତ ହେବ ଏହା ନିଃସନ୍ଦେହ ।

## କହିପାରିବେ କି ?

୧) ଆର୍ଯ୍ୟମାନେ ଭାରତକୁ କେଉଁଠାରୁ ଆସିଥିଲେ ?

(୨) ଶ୍ରୀରାମଚନ୍ଦ୍ରଙ୍କୁ ଲକ୍ଷ୍ମଣଙ୍କ ଜୀବନ ରକ୍ଷା ପାଇଁ ସଞ୍ଜୀବନୀ ବୁଟିର ରହସ୍ୟ କେଉଁ ବୈଦ୍ୟ କହିଥିଲେ ?

(୩) ବିଶ୍ୱରେ ପ୍ରଥମେ କାଗଜମୁଦ୍ରା କେଉଁ ଦେଶ ପ୍ରଚଳନ କରିଥିଲା ?

(୪) ସ୍ୱଚ୍ଛ ଭାରତ ଅଭିଯାନ କେବେ ଆରମ୍ଭ ହୋଇଥିଲା ?

(୫) ଫଳ ଉପରେ ଅଧ୍ୟୟନକୁ କ'ଣ କୁହାଯାଏ ?

(୬) ବିଶ୍ୱ ରେଡ଼କ୍ରସ ଦିବସ କେବେ ପାଳନ କରାଯାଏ ?

(୭) ଭାରତର ପ୍ରଥମ ମହିଳା ଆଇପିଏସ୍ ଅଫିସରଙ୍କ ନାମ କ'ଣ ?

(୮) 'ୱେଟିଂ ଫର୍ ଦ ମହାତ୍ମା' ପୁସ୍ତକର ଲେଖକ କିଏ ?

(୯) ସ୍ୱରାଜ ମୋର ଜନ୍ମଗତ ଅଧିକାର ସ୍ଲୋଗାନ କିଏ ଦେଇଥିଲେ ?

(୧୦) କେଉଁ ଦେଶ ପରିବେଶ ସୁରକ୍ଷା ପାଇଁ 'ଗ୍ରୀନ୍ ଆର୍ମି'ର ଆରମ୍ଭ କରିଥିଲା ?

### JUMBLE WORDS

| | | | |
|---|---|---|---|
| 1) CUPKL | = | 6) RYEDB | = |
| 2) MYDIL | = | 7) BRALER | = |
| 3) DONIEI | = | 8) NCTEEI | = |
| 4) LVRAOF | = | 9) SRAHH | = |
| 5) CITYH | = | 10) NLKPA | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର :-

୧. ସୁବ୍ରତ ଦାସ, ୨. ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ୩. ବାବର, ୪. ଗ୍ରାବିଏଲ୍ ଲିପ୍ପମ୍ୟାନ, ୫. ମୟ ଦାନବ, ୬. ଅଧିକୋଷ, ୭. ରାମକୃଷ୍ଣ ନନ୍ଦ, ୮. ହୋୟାଂହୋ, ୯. ୧୯୯୮, ୧୦. ରାଫେଲ୍‌ସିଆ ।

***Jumble Words*** ର ଉତ୍ତର :-

(1) CABIN (2) ABATE (3) AMBUSH (4) HIGHLY (5) WIDTH
(6) HANDY (7) COUSIN (8) ARCADE (9) SUEDE (10) SALSA